## ସଂକ୍ଷେପରେ

### କୁରାଳ ପଞ୍ଚମୀ ପୂଜା



**ଖୁଣ୍ଟା,୧୪ ।୧୨(ଡି.ଏନ.ଏ.):** ଖୁଣ୍ଟା ବଜାର ସଂଲଗ୍ନ ଚତୁରିଶିଳା ଗ୍ରାମର କୁମ୍ଭାର ସମ୍ପ୍ରଦାୟ ପକ୍ଷରୁ ପାରମ୍ପରିକ କୁରାଳ ପଞ୍ଚମି ପୂଜା ଅନୁଷ୍ଠିତ ହୋଇଯାଇଛି । ଗତ ବୁଧବାର ନିକଟସ୍ଥ ପୋଖରୀରୁ ଘଟ ଉତ୍ତୋଳନ କରାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା । ଗୁରୁବାର ବ୍ରାହ୍ମଣ ପୂଜକ ବିଧି ମତେ ଉପଚାର କରିବା ସହିତ ଲକ୍ଷ୍ମୀ ନାରାୟଣଙ୍କ ମୂର୍ତ୍ତି ଓ କୁମ୍ଭାର ସମ୍ପ୍ରଦାୟର ବୃତ୍ତି ପାଇଁ ବ୍ୟବହୃତ ଚକର ପୂଜାର୍ଚ୍ଚନା କରିଥିଲେ । ଶୁକ୍ରବାର ଶେଷ ଦିନରେ ଶେଷ ଉପଚାର କରି ପୂର୍ଣ୍ଣାହୁତି ସମାପନ କରିଥିଲେ । ସମ୍ପ୍ରଦାୟର ବରିଷ୍ଠ ସଦସ୍ୟ ସୁକଦେ ବେହେରା ଓ ଗିରିଶ ଚନ୍ଦ୍ର ବେହେରା ଙ୍କ କହିବା ଅନୁଯାୟୀ, କୁମ୍ଭାର ସମ୍ପ୍ରଦାୟର ଲୋକେ ପ୍ରଭୁ ନାରାୟଣଙ୍କଠାରେ ନିଜର ବୃତ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ । ନାରାୟଣ ସେଥିରେ ପ୍ରୀତ ହୋଇ ତାଙ୍କ ସୁଦର୍ଶନ ଚକ୍ରକୁ ବୃତ୍ତିରେ ବ୍ୟବହାର କରିବା ପାଇଁ ପ୍ରଦାନ କରିଥିଲେ। ସେହି ଦିନଠାରୁ କୁମ୍ଭାରମାନେ ବୃତ୍ତିରେ ବ୍ୟବହାର କରୁଥିବା ଚକକୁ ସୁଦର୍ଶନ ଚକ୍ରର ପ୍ରତୀକ ଭାବେ ଶୁକ୍ଳ ପକ୍ଷ କୁରାଳ ପଞ୍ଚମୀ ତିଥିରେ ପୂଜା କରିଆସୁଛନ୍ତି।

### ହନୁମାନ ମନ୍ଦିରରେ ଯଜ୍ଞୋତ୍ସବ

**କପ୍ତିପଦା,୧୪।୧୨(ଡ଼ି.ଏନ.ଏ):** କପ୍ତିପଦା ବାଲେଶ୍ୱର ଗୋଲେଇ ନିକଟରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ଯଜ୍ଞୋତ୍ସବ ଅନୁଷ୍ଠିତ ହୋଇଯାଇଛି।



ଏହି ଅବସରରେ ଯଜ୍ଞର ଅଧିବାସ, ଅଙ୍କୁରାରୋପଣ କର୍ମ ସମାପନ ପରେ ମହିଳାମାନେ ଶୋଭାଯାତ୍ରାରେ ଯାଇ ସୋନ ନଦୀରୁ ଘଟୋତ୍ତୋଳନ କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ପୂଜକ ଜଗନ୍ନାଥ ମିଶ୍ର, ଅନନ୍ତ ଶତପଥୀ, ଜନାର୍ଦ୍ଦନ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ସମାପନ କରିଥିଲେ। ମନ୍ଦିରର ପ୍ରତିଷ୍ଠାତା ଗୋବିନ୍ଦ ବେଜ ଓ ତାଙ୍କ ସହଧର୍ମିଣୀ ରୂପାମଣି ବେଜ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ସନ୍ଧ୍ୟା ପୂର୍ବରୁ ପୂର୍ଣ୍ଣାହୁତି କର୍ମ ସମାପନ ହୋଇଥିଲା।

# ଆକୃଷ୍ଟ କଲାନି କମ୍ ଟଙ୍କାର ଦରମା

**ବାରିପଦା ଅଫିସ,୧୪।୧୨**




ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ଜଣେ ଯୁବକଙ୍କୁ ନିଯୁକ୍ତି ପତ୍ର ଦେଉଛନ୍ତି।

**ବାରିପଦାରେ ନିଯୁକ୍ତି ମେଳା**

- ଫେରିଲେ ବହୁ ଆଶାୟୀ
- ଯୋଗ୍ୟତା ଭିତ୍ତିରେ ଚାକିରି ମିଳୁ ନ ଥିବା ଅଭିଯୋଗ
- ପ୍ରହସନ ବୋଲି ଅଭିଯୋଗ ଆଣିଲେ ବିରୋଧୀ

ଶିଳ୍ପଶୂନ୍ୟ ମୟୂରଭଞ୍ଜ ଜିଲାରେ ଶୁକ୍ରବାର ଆୟୋଜିତ ନିଯୁକ୍ତି ମେଳା ଆଶାନୁରୂପ ସଫଳତା ପାଇ ନ ଥିବା ଅଭିଯୋଗ ହୋଇଛି। କେବଳ ବାରିପଦା ଓ କପ୍ତିପଦା ଉପଖଣ୍ଡର ମୋଟ ୨୭୪୭ ଜଣ ଏଥିରେ ରେଜିଷ୍ଟ୍ରେଶନ କରିଥିଲେ। ସେମାନଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ଓ ରାଜ୍ୟ ବାହାରୁ ୨୩ ଟି କମ୍ପାନୀ ଯୋଗଦେଇଥିଲେ। ହେଲେ ରାଜ୍ୟ ବାହାରେ କମ୍ ଦରମାରେ ନିଯୁକ୍ତିକୁ ପସନ୍ଦ ନ କରି ବହୁ ଯୁବତୀଯୁବକ ନିରାଶ ହୋଇ ଫେରିଥିବା ଦେଖାଯାଇଛି। ଅପରପକ୍ଷେ ଏହା ରାଜ୍ୟ ସରକାରଙ୍କ ପ୍ରହସନ ବୋଲି ଅଭିଯୋଗ ଆଣିଛି ଜେଏମଏମ୍ ଓ ଭାଜପା। ଆନ୍ତରିକତା ଥିଲେ ରାଜ୍ୟ ସରକାର ଜିଲାରେ ପର୍ଯ୍ୟଟନ ଓ କାଗଜ ଶିଳ୍ପ ଅଭିବୃଦ୍ଧିକୁ ଗୁରୁତ୍ୱ ଦେବାକୁ ସେମାନେ ମତବ୍ୟକ୍ତ କରିଥିଲେ। ଏହାଦ୍ୱାରା ଜିଲାର ବେକାର ଯୁବତୀଯୁବକଙ୍କୁ କମ୍ ଟଙ୍କାରେ ବାହାରକୁ ଖଟିବାକୁ ଯିବାକୁ ପଡିବ ନାହିଁ ବୋଲି ଉଭୟ ଦଳର ନେତା ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ଆୟୋଜିତ ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ୨୩ ଟି କମ୍ପାନୀ ଯୋଗ ଦେଇଥିଲେ। ଏଥିରେ କେବଳ ବାରିପଦା ଓ କପ୍ତିପଦା ଉପଖଣ୍ଡର ମୋଟ ୨୭୪୭ ଯୁବତୀଯୁବକ ନାଁ ରେଜିଷ୍ଟ୍ରେଶନ କରିଥିଲେ। ଏହି ସଂସ୍ଥାଗୁଡିକର ୧୬୫୦ ନିଯୁକ୍ତି ଆବଶ୍ୟକ ରହିଥିବା ବେଳେ ମୋଟ ୮୮୧ ଜଣ ନିଯୁକ୍ତି ପାଇଥିଲେ। ସେମାନଙ୍କ ମଧ୍ୟରୁ ୧୨୩୫ ଜଣ ଆବଶ୍ୟକ ମୁତାବକ ଦରମାରେ ନିଯୁକ୍ତି ନ ପାଇ ଫେରିଯାଇଥିଲେ। ସେହିପରି ତାଲିମ ନେବା ପାଇଁ ମୋଟ ୬୩୧ ଜଣ ଯୁବତୀଯୁବକ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିନିମନ୍ତେ ୧୪ ଟି ସଂସ୍ଥା ମଧ୍ୟ ଉପସ୍ଥିତ ଥିବା ବେଳେ ତାଲିମ ପରେ ସେମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଥିବା ପ୍ରତିଶ୍ରୁତି ମିଳିଛି। ଅନ୍ୟପକ୍ଷରେ ଯୁବତୀଯୁବକମାନେ ନିଜ ଇଚ୍ଛାରେ ଆସି ରେଜିଷ୍ଟ୍ରେଶନ କରିଥିଲେ। କମ୍ପାନୀ ଯୋଗ୍ୟତା ଭିତ୍ତିରେ ସେମାନଙ୍କୁ ଚୟନ କରିଥିଲା। ଆଶାରୁ ଅଧିକ ଯୁବତୀଯୁବକ ମେଳାକୁ ଆସିଥିଲେ ବୋଲି ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର କହିଛନ୍ତି।

ତେବେ ଏହି ମେଳାର ବିଫଳତା ଲାଗି ଭାଜପା ଓ ଜେଏମଏମ୍ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଏହା ରାଜ୍ୟ ସରକାରଙ୍କ ପ୍ରହସନ ବୋଲି କହିଛନ୍ତି। କାରଣ ଏଠାରେ କମ୍ ଦରମା ଦେଇ ଯୁବତୀଯୁବକଙ୍କୁ ରାଜ୍ୟ ବାହାରକୁ ପଠାଯାଉଛି। ଶିଳ୍ପଶୂନ୍ୟ ମୟୂରଭଞ୍ଜ ଜିଲାରେ ପର୍ଯ୍ୟଟନ ଶିଳ୍ପ, କାଗଜ କଳ ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ରହିଛି। ଏହା ବାଦ୍ ବନ୍ଦ ରହିଥିବା ୨ଟି ଶିଳ୍ପର ପୁନରୁଦ୍ଧାର କରାଯାଇ ସ୍ଥାନୀୟ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେଲେ ଜିଲାରେ ବେକାର ସଂଖ୍ୟା କମ ହେବ ବୋଲି ସେ ଦାବି କରିଛନ୍ତି। ଭାଜପା ଜିଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମଧ୍ୟ ଅନୁରୂପ ଯୁକ୍ତି ବାଢିଛନ୍ତି। ସେହିପରି ନିଯୁକ୍ତି ପାଇଁ ଆସିଥିବା ରାକେଶ ବେହେରା କୁହନ୍ତି, ଏଠାରେ ଉଚ୍ଚ ଶିକ୍ଷିତଙ୍କ ପାଇଁ ସେଭଳି କିଛି ନିଯୁକ୍ତି ନାହିଁ। ଏଣୁ ଅଯଥାରେ ଏଠାକୁ ଆସି ନିଜ ସମୟ ନଷ୍ଟ କରିଛି। ସେହିପରି ଅଭିଭାବକ ସୁରଜ ନାୟକ କୁହନ୍ତି, ସେ ନିଜ ଝିଅଙ୍କ ନିଯୁକ୍ତି ପାଇଁ ଆସିଥିଲେ। ହେଲେ ଏଠାରେ କମ୍ପାନୀମାନେ ନିଜ ଇଚ୍ଛାରେ ନିଯୁକ୍ତି ପ୍ରଦାନ କରୁଥିବା ସେ ଅଭିଯୋଗ କରିଛନ୍ତି।

ନିଯୁକ୍ତି ମେଳାକୁ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ଉଦ୍‌ଘାଟନ କରିଥିବା ବେଳେ ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ସଂଯୋଜନାରେ ଜିଲାପାଳ ବିନିତ ଭରଦ୍ୱାଜ, ପିଡି(ଏସଆଇପି, ପୁନର୍ବାସ ଓ ଥଇଥାନ)ବିବେକାନନ୍ଦ ସାହୁ, ପିଏ(ଆଇଟିଡିଏ,ବାରିପଦା)ବିଜନ କୁମାର ଥମ୍ବ,ପିଏ(ଆଇଟିଡିଏ, କପ୍ତିପଦା)ବିଧାନ ଚନ୍ଦ୍ର ରାୟ, ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା, ଜିଲା ନିୟୋଜନ ଅଧିକାରୀ ବିଜୟ କୁମାର ପାତ୍ର, ତକତପୁର ଟିଟିଆଇ ଅଧକ୍ଷ ଶୁଭଙ୍ଗ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶ୍ରମ ସ୍କୁଲ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

**ବଡ଼ସାହି,୧୪।୧୨(ସ୍ୱ.ପ୍ର)**

ବଡ଼ସାହି ବ୍ଲକ ଅଧୀନ ଯୋଗୀନୂଆଗାଁ ଆଶ୍ରମସ୍କୁଲର ପ୍ରଥମ ଶ୍ରେଣୀ ଛାତ୍ର ତପନ ଟୁଡୁ(୭)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ବାରିପଦା ଡ଼ାକ୍ତରଖାନାରେ ଶୁକ୍ରବାର ମୃତ୍ୟୁ ଘଟିଛି । ଆଶ୍ରମ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ପିଲାର ଜୀବନ ଗଲା ବୋଲି ମୃତ ତପନଙ୍କ ବାପା ଇଟାମୁଣ୍ଡିଆର ଶ୍ୟାମସୁନ୍ଦର ହାଁସଦାଃ ବଡ଼ସାହି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ବାରିପଦା ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାର ତଦନ୍ତ ପାଇଁ ଡ଼ିଡ଼ବ୍ଲ୍ୟୁଓ ଏବଂ ଡ଼ବ୍ଲ୍ୟୁଇଓ ଶୁକ୍ରବାର ଆଶ୍ରମ ସ୍କୁଲ ପରିଦର୍ଶନରେ ଆସି ବୟାନ ସଂଗ୍ରହ କରି ଫେରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ ଗୁରୁବାର ପ୍ରଥମେ ବାନ୍ତି ହେବାରୁ ତପନ ଅସୁସ୍ଥ ହୋଇପଡିଥିଲେ। ପ୍ରଥମେ ତାଙ୍କୁ ବେତନଟୀ ଓ ପରେ ବାରିପଦା ଡ଼ାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ମୃତ ଛାତ୍ରଙ୍କ ପରିବାରବର୍ଗଙ୍କୁ ପ୍ରଶାସନ ପକ୍ଷରୁ ଡ଼ିଡ଼ବ୍ଲ୍ୟୁଓ ୫ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

## ଦୁଇ ଗାଁରେ ଅଗ୍ନିକାଣ୍ଡ ଜଳିଗଲା ୮ବଖରା

**କପ୍ତିପଦା,୧୪।୧୨(ଡି.ଏନ.ଏ.)**

କପ୍ତିପଦା ବ୍ଲକ୍ ଅଧିନ କାମୁଡାବାହାଳୀ ବାରୁସାହି ଓ ବାଘମରା ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ୮ ବଖରା ଜଳିଯାଇଛି। କାମୁଡାବାହାଳୀ ବାରୁସାହି ଗ୍ରାମର ରାମାୟ ସିଂଙ୍କର ୬ ବଖରା ଘର ସମେତ ଦୁଇଟି ଧାନ ଗଦା, ଗୋଟିଏ ଛେଳି ଜଳିପୋଡି ପାଉଁଶ ହୋଇ ଯାଇଛି। ଖବରପାଇ କପ୍ତିପଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ବାଘମରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ଶ୍ରୀଧର ନାୟକ ଓ ରମେଶ ନାୟକଙ୍କର ୨ ବଖରା ଜଳି ଯାଇଛି ।

## ୧୬ରେ ଭଲିବଲ ଖେଳାଳି ଚୟନ ଶିବିର

**ବାରିପଦା ଅଫିସ,୧୪।୧୨**

ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ପକ୍ଷରୁ ଜିଲା ସିନିୟର ଭଲିବଲ ମହିଳା ଓ ପୁରୁଷ ଖେଳାଳି ଚୟନ ଶିବିର ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ। କଲେଜ ପଡିଆରେ ଏହି ଶିବିର ଅନୁଷ୍ଠିତ ହେବାକୁ ଥିବା ବେଳେ ଖେଳାଳିମାନେ ଉକ୍ତ ଦିନ ପୂର୍ବାହ୍ନ ୧୦ ଟାରେ ଆସୋସିଏଶନର କାର୍ଯ୍ୟାଳୟରେ ପହଞ୍ଚି ନିଜ ନାମ ରେଜିଷ୍ଟ୍ରେସନ କରିବେ। ଏହି ଶିବିରରୁ ୧୨ଜଣ ମହିଳା ଓ ୧୨ ଜଣ ପୁରୁଷ ଖେଳାଳୀଙ୍କୁ ଚୟନ କରାଯାଇ ମୟୂରଭଞ୍ଜ ଦଳ ଗଠନ କରାଯିବ ବୋଲି ଜଣାଯାଇଛି । ଏହାପରେ ଚୟନ ହୋଇଥିବା ଦଳ ଢ଼େଙ୍କାନାଳ ଜିଲା କାମାକ୍ଷାନଗରଠାରେ ଆସନ୍ତା ୧୯ଠାରୁ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବ ବୋଲି ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।



ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

## ମୟୂରଭଞ୍ଜ ପୁସ୍ତକ ମେଳା ଉଦ୍‌ଘାଟିତ

**ବାରିପଦା ଅଫିସ,୧୪।୧୨**

**ସାମଗ୍ରିକ ବିକାଶ ସାଧନରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ**

ବାରିପଦା ଛଉ ପଡିଆ ଠାରେ ଶୁକ୍ରବାର ସନ୍ଧ୍ୟାରେ ସପ୍ତମ ମୟୂରଭଞ୍ଜ ପୁସ୍ତକ ମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିନିତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁସ୍ତକ ମେଳାର ଗୁରୁତ୍ୱ ସମ୍ପର୍କରେ କହିବା ସହିତ ସାମଗ୍ରୀକ ବିକାଶ ସାଧନରେ ପୁସ୍ତକର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପୁସ୍ତକମେଳା କମିଟି ସଭାପତି ପଦ୍ମନାଭ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ କଂଗ୍ରେସ ଭାଇ, ଝାଡଖଣ୍ଡର ଷଢ଼େଇକଳାର ସାହିତ୍ୟିକ ଅତନୁ କବି ପ୍ରମୁଖ ଯୋଗ ଦେଇଥିଲେ। ପୁସ୍ତକମେଳା କମିଟିର ସମ୍ପାଦକ ଇଂ ମନୋଜ ଦଳବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପାର୍ବତୀ ବାରିକ ଅତିଥି ନିମନ୍ତ୍ରଣ କରିଥିବା ବେଳେ ଯୁଗ୍ମ ସମ୍ପାଦକ ବିଶେଶ୍ୱର ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।

## ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**କପ୍ତିପଦା,୧୪।୧୨(ଡ଼ି.ଏନ.ଏ.)**

କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟର ଛାତ୍ରମାନେ ପ୍ଲାକାର୍ଡ଼ ଧରି ଶକ୍ତି ସଂରକ୍ଷଣ ଉପରେ ବିଭିନ୍ନ ସ୍ଲୋଗାନ୍ ଦେଇ ଗ୍ରାମ ଓ ବଜାର ପରିକ୍ରମା କରି ଉତ୍ସବସ୍ଥଳୀ ନିକଟରେ ପହଞ୍ଚିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୀୟ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ରାଧାକୃଷ୍ଣ ରାଉତ ଯୋଗଦେଇଥିଲେ। ଓଷ୍ଟାର ଜିଲା ସମ୍ପାଦକ ଭରତ ଚନ୍ଦ୍ର ବରାଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଅବିନାଶ ପାତ୍ର ପ୍ରଥମ, ପଦ୍ମପୋଖରୀସ୍ଥିତ ଉପେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଛାତ୍ର ଲକ୍ଷ୍ମୀଧର ମହାନ୍ତ ଦ୍ୱିତୀୟ, ବଡ଼ଖଲାଡ଼ିସ୍ଥ ଜବାହରଲାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ପ୍ରଜ୍ଞା ବେହେରା ତୃତୀୟସ୍ଥାନ ଅଧିକାର କରିଥିଲେ । କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ।




ଅତିଥିମାନେ ଜଣେ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

## ଭୋକ ଦାଉ: ହଷ୍ଟେଲ ଛାଡିଲେ ଛାତ୍ର

**ବାରିପଦା ଅଫିସ,୧୪।୧୨**

- ୫ କି.ମି. ଚାଲିବା ପରେ ଉଦ୍ଧାର
- ନିଲମ୍ବିତ ହେଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ

୫ ଦିନ ହେବ ସ୍କୁଲରେ ରୋଷେଇ ହୋଇନାହିଁ। ଭଲମନ୍ଦ ବୁଝିବାକୁ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆସୁ ନ ଥିବା ବେଳେ କେହି କେୟାରଟେକର ବି ନ ଥିଲେ। ଅନ୍ୟୋନପାୟ ହୋଇ ସେଠାରେ ରହୁଥିବା ଛାତ୍ରମାନେ ମୁଢ଼ି ଖାଇବାକୁ ବାଧ ହେଲେ। ଏହାପରେ ସ୍କୁଲରେ ମହଜୁଦ ଥିବ ଚାଉଳକୁ ନିଜେ ରୋଷେଇ କରି ଖାଇଲେ। ହେଲେ ଏହା ସରିଯିବାରୁ ଗୁରୁବାର ରାତିରେ ସେମାନେ ଉପାସରେ ରହିଥିଲେ। ଭୋକଉପାସ ଦାଉ ସହି ନ ପରି ଶୁକ୍ରବାର ସକାଳୁ ସ୍କୁଲ ହଷ୍ଟେଲ ଛାଡି ୫ କି.ମି ଚାଲି କରି ଯାଇଥିବା ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ କେଁଝରା ପ୍ରାଥମିକ ବିଦ୍ୟାଳୟ ୧୦ ଛାତ୍ର ଗ୍ରାମବାସୀଙ୍କ ସମ୍ମୁଖରେ ବଖାଣିଛନ୍ତି। ଏହି ଘଟଣା ନଜରକୁ ଆସିବା ପରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କ ନିର୍ଦ୍ଦେଶ ମୁତାବକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରସାନନ୍ଦ ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି।



ସ୍କୁଲ ହଷ୍ଟେଲ ଛାଡିଥିବା ଛାତ୍ରମାନେ।

ଯଶିପୁର ବ୍ଲକ କେଁଝରା ପ୍ରାଥମିକ ବିଦ୍ୟାଳୟରେ ଥିବା ଆରଏସ୍‌ଟି ସେଣ୍ଟରରେ ୫ ରୁ ୧୦ ବର୍ଷ ମଧ୍ୟରେ ୨୦ ପିଲା ରହୁଥିଲେ। ହେଲେ ଦୀର୍ଘ ୫ ଦିନ ଖାଇବାକୁ ନ ପାଇ ଶୁକ୍ରବାର ସକାଳେ ସେମାନେ ସ୍କୁଲରୁ ବାହାରି ଆସିଥିଲେ। ପରେ ଚାଲି ଚାଲି ୫ କି.ମି. ଆସି ଟଙ୍ଗାବିଲ ଛକଠାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ସେମାନଙ୍କୁ ଅଟକାଇ ଘଟଣା ବୁଝିଥିଲେ। ୫ ଦିନ ହେବ ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବା ବେଳେ ରୋଷେଇ ହେଉନାହିଁ। ସ୍କୁଲରେ ମହଜୁଦ ଥିବା ଚାଉଳ ଓ ମୁଢ଼ି ସରିଯିବାରୁ ଗୁରୁବାର ରାତିରେ ସେମାନେ ଉପାସରେ ରହିଥିଲେ। ଫଳରେ ସେମାନେ ଶୁକ୍ରବାର ସକାଳୁ ସ୍କୁଲ ହଷ୍ଟେଲ ଛାଡିଥିବା ବିଷୟରେ କହିଥିଲେ। ବିଦ୍ୟାଳୟରେ ପଢୁଥିବା ୧୫ ଜଣ ଛାତ୍ରଙ୍କୁ ନିକଟସ୍ଥ କୋହଲି ସ୍କୁଲ ଓ ଅନ୍ୟ ୫ ଜଣଙ୍କୁ ଘାଟକୁଆଁ ସ୍କୁଲରେ ଥଇଥାନ କରାଯାଇଛି।



## ସଂକ୍ଷେପରେ

### ଖଇରାରେ ଖୋଲିଲା ଧାନମଣ୍ଡି



**ଖଇରା, ୧୪।୧୨(ଡି.ଏନ.ଏ.):** ଖଇରା ବ୍ଲକରେ ଚାଷୀମାନଙ୍କର ପ୍ରତୀକ୍ଷାର ଅନ୍ତ ଘଟିଛି। ବହୁ ଦାବି ପରେ ଖଇରା ବ୍ଲକ ଅଧୀନ ଗୋବିନ୍ଦପୁର ସେବା ସମବାୟ ସମିତିରେ ପ୍ରଥମେ ଶୁକ୍ରବାର ଧାନକିଣା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପରିଚାଳନା କମିଟି ସଭାପତି ରବୀନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଇରା କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଅଭିରାମ ମହାନ୍ତି, ସମ୍ପାଦକ ପ୍ରଫୁଲ୍ଲ ଖଣ୍ଡା, ସହ ସମ୍ପାଦକ ବିଭୂତି ଭୂଷଣ ରାଉତ ଓ ରିତେଶ ମୁଦୁଲି, ସୁପରଭାଇଜର ଶରତ ରାଉତ, ଧାନକ୍ରୟ କମିଟି ସଭ୍ୟ ଶ୍ରୀଧର ତ୍ରିପାଠୀ, ଦୟାନିଧି ମହାପାତ୍ର, କହ୍ନେଇ ସାହୁ, ସୁରେଶ ଭୂୟାଁ, ଝରଣା ଦାସ, ଗଜେନ୍ଦ୍ର ଦାସ ଓ ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୬ଜଣ ଚାଷୀଙ୍କ ନିକଟରୁ ଧାନ କିଣାଯାଇଥିଲା।

### ପ୍ରଧାନମନ୍ତ୍ରୀ ସଡ଼କ ପାଇଁ ଶିଳାନ୍ୟାସ



**ରୂପ୍‌ସା, ୧୪।୧୨(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡୁରୁକୁଲା ଛକ ଆରଡ଼ି ରୋଡ଼ଠାରୁ ଖିରଙ୍ଗ ଗ୍ରାମ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଶିଳାନ୍ୟାସ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଏହି ନୂତନ ରାସ୍ତାର ଶିଳାନ୍ୟାସ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ଜିଲାପରିଷଦ ସଦସ୍ୟା ଶ୍ରୀମତୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧କୋଟି ୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ହେବ ବୋଲି ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଥିଲେ।

### ୪ ମଦ ବେପାରୀ ଗିରଫ

**ବାଲେଶ୍ୱର ଅଫିସ,୧୪।୧୨:** ବାଲେଶ୍ୱର ଅବକାରୀ ବିଭାଗ ଦ୍ୱାରା ଶୁକ୍ରବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୬୬ ଲିଟର ଦେଶୀ ଚୋରାମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଶ୍ୟାମ ସିଂ, ଶ୍ରୀଧର ବେହେରା, କୈଳାସ ନାୟକ ଓ ଅମୂଲ୍ୟ ବାରିକ। ଜିଲା ଅବକାରୀ ଅଧୀକ୍ଷକ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ଲହି ଚଢାଉ ହୋଇଥିଲା। ବାଲେଶ୍ୱର ଅବକାରୀ ବିଭାଗ ସଦର ରେଞ୍ଜରେ ୩ଟି ମାମଲା (ନଂ. ୨୯/୩୦/୩୧/୧୮-୧୯) ଏବଂ ଜିଲା ଭ୍ରାମ୍ୟମାଣ ଅଫିସ୍ ମାମଲା (ନଂ. ୧୨୫/୧୮-୧୯) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ସଦର ଅବକାରୀ ବିଭାଗ ନିରୀକ୍ଷକ କରୁଣା ଶଙ୍କର ତିୱାରୀ ତତ୍ତ୍ୱାବଧାନରେ ସଦର ଅବକାରୀ ବିଭାଗ ଉପନୀରିକ୍ଷକ ଅର୍ଜୁନ ମଲ୍ଲିକ, ସହ ଉପନୀରିକ୍ଷକ ଚନ୍ଦ୍ର ମୋହନ ସେଠୀ, ସହ ଉପନୀରିକ୍ଷକ ବ୍ରଜ ମୋହନ ମଲ୍ଲିକ, କନଷ୍ଟେବଲ ପ୍ରହ୍ଲାଦ ବିଶ୍ୱାଳ, ସେକ୍ କଲିମ୍, ସନ୍ତୋଷ କୁମାର ବେହେରା ଓ ମାନତି ପରିଡ଼ା ପ୍ରମୁଖ ସାମିଲ ଥିଲେ।

### ଜଳଯୋଗାଣ ପ୍ରକଳ୍ପ ଲାଗି ଭିତ୍ତିପ୍ରସ୍ତର

**ବାଲିଆପାଳ,୧୪।୧୨(ସ୍ୱ.ପ୍ର.):** ବାଲିଆପାଳ ବ୍ଲକର ଦେଭୋଗ ପଞ୍ଚାୟତର ବିଷ୍ଣୁପୁର ଗ୍ରାମଠାରେ ହେବାକୁ ଥିବା ୧ କୋଟି ଟଙ୍କାର ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଲାଗି ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଜିଲାପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଅଣ୍ଡିଆ, ପୂର୍ବତନ ସରପଞ୍ଚ ଅଜୟ ପାତ୍ର, ବିଭାଗୀୟ ଏସ୍‌ଡ଼ିଓ ଅରୁଣ ବାରିକ, କନିଷ୍ଠ ଯନ୍ତ୍ରୀ ସର୍ବେଶ୍ୱର ଜେନା ପ୍ରମୁଖ ଅତିଥି ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ମୃତ୍ୟୁଞ୍ଜୟ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ପ୍ରାକୃତିକ ଶୋଭା

■ ପଞ୍ଚଲିଙ୍ଗେଶ୍ୱର ଓ କୁଲଡ଼ିହାରେ ଜମୁଛି ଭିଡ଼

■ ରିଷିଆ ଡ୍ୟାମ୍‌ରେ ମନ ମୋହୁଛି ବୋଟିଂ ସେବା



ପଞ୍ଚଲିଙ୍ଗେଶ୍ୱର ଶୈବପୀଠ।

**ପ୍ରଶାନ୍ତ ବିଶ୍ୱାଳ**

**ସଜନାଗଡ଼, ୧୪।୧୨**

ଆସିଛି ପିକ୍‌ନିକ୍ ଋତୁ। ପର୍ଯ୍ୟଟକଙ୍କ ଆଗମନ ଯୋଗୁ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର କୁଲଡ଼ିହା ଅଭୟାରଣ୍ୟ ଚଳଚଞ୍ଚଳ ହୋଇପଡ଼ିଛି। ବଣଭୋଜି କରିବାକୁ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ନୀଳଗିରି ଜଗନ୍ନାଥ ମନ୍ଦିର, ନୀଳଗିରି ରାଜବାଟୀ, ଭୂଧାରଚଣ୍ଡୀ ମନ୍ଦିର, ରିଷିଆ ଡ୍ୟାମ୍, ସାତଘାଟି ଡ୍ୟାମ୍ ଆଦି ସ୍ଥାନରେ ଭିଡ଼ ଜମାଉଛନ୍ତି। ସେମାନେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସାଙ୍ଗକୁ ବଣଭୋଜି ମଜା ନେଇଫେରୁଛନ୍ତି।

ନୀଳଗିରି ଅଞ୍ଚଳରେ ପଞ୍ଚଲିଙ୍ଗେଶ୍ୱର, କୁଲଡ଼ିହା ଅଭୟାରଣ୍ୟ, ରିଷିଆ ଡ୍ୟାମ୍ ଭଳି ଏକାଧିକ ପର୍ଯ୍ୟଟନସ୍ଥଳୀ ରହିଛି। ଏସବୁ ସ୍ଥାନକୁ ଅଧିକ ସଂଖ୍ୟାରେ ବଙ୍ଗୀୟ ପର୍ଯ୍ୟଟକ ଆସୁଥିବା ଦେଖାଯାଉଛି। ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମଧ୍ୟରେ ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଅନ୍ୟତମ। ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ଝରଣାର ପଥର ଖୋଲ ମଧ୍ୟରେ ବିଜେ ପଞ୍ଚଲିଙ୍ଗେଶ୍ୱର ମହାଦେବଙ୍କୁ ଦର୍ଶନ କରିବା ପାଇଁ ୨୫୬ ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ। ନିକଟସ୍ଥ ପାହାଡ଼ରେ କେତେକ ଛୋଟବଡ଼ ଗୁମ୍ଫା ରହିଛି, ଯାହାକି ପର୍ଯ୍ୟଟକଙ୍କୁ ମୋହିତ କରିଥାଏ। ସେଠାରେ ପର୍ଯ୍ୟଟକଙ୍କ ରାତ୍ରି ଯାପନ ପାଇଁ ପର୍ଯ୍ୟଟନ ବିଭାଗ, ପାନ୍ଥନିବାସ, ଘରୋଇ ନିବାସ ସୁବିଧା ଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ବାଲେଶ୍ୱର ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡରୁ ଏଠାକୁ ଆସିବା ସୁବିଧା ରହିଛି। ଜାତୀୟ ରାଜପଥରେ ଶେରଗଡ଼ ଛକରୁ ନୀଳଗିରି ରାସ୍ତା ଦେଇ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଆସିଲେ ୩୫ କି.ମି. ଦୂରତା ଅତିକ୍ରମ କରିବାକୁ ପଡ଼ିଥାଏ। ଶୀତ ପଡ଼ିବା ପରେ ପ୍ରତ୍ୟହ ପୀଠ ରାସ୍ତାରେ ପର୍ଯ୍ୟଟକଙ୍କୁ ନେଇ ଆସୁଥିବା ଟ୍ରେକର ଓ ଯାତ୍ରୀବାହୀ ବସରେ ଭିଡ଼ ଜମୁଛି। ପ୍ରଶାସନ ପକ୍ଷରୁ ଶୌଚାଳୟ, ପାନୀୟଜଳ, ବିଶ୍ରାମାଗାର, ଗମନାଗମନ ସୁବିଧା କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ପୀଠରୁ ୨କି.ମି. ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଦୁଇ ପାର୍ଶ୍ୱରେ ଏଥର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ପରିବେଶ ସୁରକ୍ଷା ଦୃଷ୍ଟିରୁ ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ଼ ପକ୍ଷରୁ ପ୍ଲାଷ୍ଟିକ ବ୍ୟବହାରକୁ ନିଷେଧ କରାଯାଇଛି। ପ୍ରଶାସନ ପକ୍ଷରୁ ମଧ୍ୟ କଟକଣା ଜାରି ହୋଇଛି।

କୁଲଡ଼ିହା ଅଭୟାରଣ୍ୟରେ ବିଭିନ୍ନ ବନ୍ୟପ୍ରାଣୀଙ୍କୁ ଅତି ପାଖରୁ ଦେଖିବାର ସୁଯୋଗ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣ ସାଜିଛି। ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ ଏହି ଜଙ୍ଗଲରେ ହାତୀ, ବାଘ, ଭାଲୁ, ଗୟଳ, କୁଟାରୀ, ହରିଣ, ସମ୍ବର ପ୍ରଭୃତି ବନ୍ୟପ୍ରାଣୀଙ୍କ ସମେତ ବିଭିନ୍ନ ପ୍ରଜାତିର ପକ୍ଷୀ ରହିଛନ୍ତି। ଅଭୟାରଣ୍ୟ ଅଧୀନରେ ଥିବା ଗୋହିରାଭୋଳ ଠାରେ ପର୍ଯ୍ୟଟକଙ୍କ ସକାଶେ ତମ୍ବୁ ଘର ଓ ବୋଟିଂ ବ୍ୟବସ୍ଥା ହୋଇଛି। ସେଠାରେ ରାତ୍ରିଯାପନ କରୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ସକାଶେ ଟ୍ରେଞ୍ଚ ଖୋଳାଯାଇଛି। ଗୋହିରାଭୋଳ ପରି ଯୋଡ଼ାଚୁଆ, ପୁରୁଣାପାଣି, ମୁଖଚଡ୍ଡୁରୀ ଏବଂ କୁଲଡ଼ିହା ଡାକବଙ୍ଗଳା ପ୍ରଭୃତି ଅଞ୍ଚଳକୁ ଏବେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି। ଅଭୟାରଣ୍ୟରେ ଥିବା ରିଷିଆ ଡ୍ୟାମ୍ ବୁଲି ଦେଖିବାକୁ ଆସୁଥିବା ଲୋକେ କ୍ଷୁଦ୍ର ଜଳସେଚନ ବିଭାଗର ଡାକବଙ୍ଗଳାରେ ଅବସ୍ଥାନ କରିବା ସୁବିଧା ପାଉଛନ୍ତି। ସେଠାରେ ଗାଡ଼ି ପାର୍କିଂ ବ୍ୟବସ୍ଥା ରହିଛି। କୁଲଡ଼ିହା ଅଭୟାରଣ୍ୟ ପାଦଦେଶରେ ସାତଘାଟି ଡ୍ୟାମ୍‌ରେ ପ୍ରତିଦିନ ହାତୀପଲଙ୍କ ଜଳକ୍ରୀଡ଼ା ଦୃଶ୍ୟ ବଣଭୋଜି ପ୍ରେମୀଙ୍କ ପାଇଁ ଆକର୍ଷଣ ସାଜିଛି। ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୀଳଗିରିର ଜଗନ୍ନାଥ ମନ୍ଦିର, ରାଜବାଟି, ସଜନାଗଡ଼ର ମା' ଭୂଧାରଚଣ୍ଡୀ ମନ୍ଦିର ବୁଲି ଦେଖିବାକୁ ମଧ୍ୟ ଅନେକ ପର୍ଯ୍ୟଟକ ଆସୁଛନ୍ତି।



ଗୋହିରାଭୋଳ ଠାରେ ପର୍ଯ୍ୟଟକଙ୍କ ପାଇଁ ଥିବା ବୋଟିଂ ବ୍ୟବସ୍ଥା।



ପର୍ଯ୍ୟଟକଙ୍କ ପାଇଁ ଥିବା ତମ୍ବୁ ଘର।

# ବିଟିସିସି ନିର୍ବାଚନ ପ୍ରକ୍ରିୟା ଆରମ୍ଭ

**ବାଲେଶ୍ୱର ଅଫିସ, ୧୪।୧୨**

ବାଲେଶ୍ୱର ଟ୍ରକ୍ କୋର୍ଡ଼ିନେଶନ କମିଟି (ବିଟିସିସି) ପକ୍ଷରୁ ଶୁକ୍ରବାର ନିର୍ବାଚନ ପାଇଁ ମନୋନୟନ ପତ୍ର ଦାଖଲ ଆରମ୍ଭ ହୋଇଛି। ଚଳିତମାସ ୧୪, ୧୫, ୧୬ ୩ ଦିନ ଧରି ହେବାକୁ ଥିବା ମନୋନୟନ ପତ୍ର ଦାଖଲର ପ୍ରଥମଦିନରେ ସଭାପତି ପାଇଁ କିଶୋର ମିଶ୍ର, ସମ୍ପାଦକ ପାଇଁ ନରେନ୍ଦ୍ର ବିହାରୀ ଦାସ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ୧୭ ତାରିଖ ପ୍ରାର୍ଥୀପତ୍ର ଯାଞ୍ଚ ଓ ଅଭିଯୋଗ ଶୁଣାଣି ଏବଂ ବୈଧ ପ୍ରାର୍ଥୀପତ୍ର ତାଲିକା ପ୍ରକାଶ, ୧୮ ତାରିଖ ମନୋନୟନ ପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ସହ ୨୩ ତାରିଖରେ ନିର୍ବାଚନ ଏବଂ ଫଳାଫଳ ଘୋଷଣା ହେବାର ସ୍ଥିର କରାଯାଇଥିବା ନିର୍ବାଚନ ଅଧିକାରୀ ନିରଞ୍ଜନ ପଣ୍ଡା ପ୍ରକାଶ କରିଛନ୍ତି।

ବିଟିସିସିର ମୋଟ୍ ୨୯୭ ସଦସ୍ୟଙ୍କୁ ନେଇ ନିର୍ବାଚନ ହେବ। ଏଥିରେ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ, କୋଷାଧକ୍ଷଙ୍କ ସମେତ କାର୍ଯ୍ୟକାରୀ ସଦସ୍ୟାସଦସ୍ୟ ୧୦ଜଣଙ୍କୁ ନିର୍ବାଚିତ କରାଯିବାର ପଦବୀ ରହିଛି। ଏମାନେ ୨ବର୍ଷ ପାଇଁ ନିଜ ପଦବୀରେ ରହିବାର ନିଷ୍ପତ୍ତି ନିଆଯାଇଛି। ମନୋନୟନ ପତ୍ର ଦାଖଲର ଶେଷ ତାରିଖ ସୁଦ୍ଧା ଅନ୍ୟ ଏକ ଗୋଷ୍ଠୀ ପ୍ରାର୍ଥୀପତ୍ର ଦାଖଲ କରିବାର ସୂଚନା ରହିଛି। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ଭୋଟରମାନଙ୍କ ମଧ୍ୟରେ ଆଲୋଚନା ହେଉଛି। ଗତ ୧୯୯୪ ମସିହାରୁ ଆରମ୍ଭ ହୋଇଥିବା ବିଟିସିସି ବାଲେଶ୍ୱର ଜିଲାର ଶିକ୍ଷିତ ବେକାରୀ ଯୁବକମାନେ ଆତ୍ମନିଯୁକ୍ତି କରି ଜୀବିକା ନିର୍ବାହ କରନ୍ତି। ସେମାନଙ୍କର ଆର୍ଥିକ ସମ୍ବଳର ଏହା ଏକ ମାଧ୍ୟମ ଅଟେ। ଏଥିରେ ଅଦ୍ୟାବଧି ୨୯୭ ଜଣ ସଦସ୍ୟ ଥିବା ବେଳେ ୨୦୦୯ ମସିହାରେ ସରକାରୀ ପଞ୍ଜିକରଣ ହୋଇଥିଲା। ଅନୁଷ୍ଠାନ ସୁପରିଚାଳନା ପାଇଁ ଗଣତାନ୍ତ୍ରିକ ମାଧ୍ୟମରେ ନିର୍ବାଚନ କରାଯାଇ କର୍ମକର୍ତ୍ତା ଚୟନ ବ୍ୟବସ୍ଥା କରାଯାଇଥିଲା। ପ୍ରତି ୨ ବର୍ଷକୁ ଥରେ ଲେଖାଏଁ ନିର୍ବାଚନ ହୋଇଥାଏ। ବିଟିସିସିର ପରିଚାଳନା କମିଟି ଅନୁରୋଧକ୍ରମେ ବାଲେଶ୍ୱର ବାର୍ ଆସୋସିଏଶନ ଉକ୍ତ ନିର୍ବାଚନକୁ ପରିଚାଳନା କରୁଛି। ବାର୍ ଆସୋସିଏଶନ ସଭାପତି ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାରଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି।



ବିଟିସିସିର ସଭାପତି, ସମ୍ପାଦକ ପଦ ପାଇଁ ମନୋନୟନ ପତ୍ର ଦାଖଲ କରାଯାଉଛି।

### ଭିନ୍ନକ୍ଷମ ଛାତ୍ରଙ୍କୁ ଶୀତବସ୍ତ୍ର

**ରୂପ୍‌ସା, ୧୪।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡ଼ି ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୁରୁବାର ସନ୍ଧ୍ୟାରେ କଂଗ୍ରେସ ଦଳ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ପାଣ୍ଠିରୁ ୮୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର, ଶାଲ ପ୍ରଦାନ କରିଥିଲେ। ଆୟୋଜିତ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ପାଳ ପୌରୋହିତ୍ୟ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବସ୍ତା ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଯେନା, ଜିଲା କୃଷକ ସେଲ୍ ସାଧାରଣ ସମ୍ପାଦକ ଜୟନ୍ତ ମହାପାତ୍ର, ନରେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ନାୟକ, ବେଞ୍ଜାମିନ ରାମ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ବାସନ୍ତୀ ପାଳ, ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ, ଶିକ୍ଷକ ଅରୁଣ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଏଭଳି ଦଳୀୟ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶେଷରେ ସନ୍ଧ୍ୟାରାଣୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଦିବ୍ୟାଙ୍ଗ ପିଲାଙ୍କ ଦ୍ୱାରା ଅଙ୍କିତ ଗ୍ରୀଟିଂ କାର୍ଡ।

# ଦିବ୍ୟାଙ୍ଗ ପିଲା ଆଙ୍କିଲେ ନୂଆବର୍ଷ ଗ୍ରୀଟିଂ କାର୍ଡ

**ରେମୁଣା,୧୪।୧୨(ଡି.ଏନ.ଏ.)**

ବାଲେଶ୍ୱର ବାଲଗୋପାଳପୁର ସ୍ଥିତ କାରଖାନା 'ବାଲେଶ୍ୱର ଆଲୟେଜ' ପକ୍ଷରୁ ନୂଆବର୍ଷ ଲାଗି ନୂଆ ଗ୍ରୀଟିଂ କାର୍ଡ ନ କିଣି ଛାତ୍ରୀଛାତ୍ରଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଚିତ୍ରକୁ କାର୍ଡ଼ ଆକାରରେ ବ୍ୟବହାର କରିବା ଲାଗି ଏକ ନୂଆ ପ୍ରୟାସ ଆରମ୍ଭ କରାଯାଇଛି। କାରଖାନା କର୍ମଚାରୀଙ୍କ ମଧ୍ୟରେ ସଚେତନତା ଆଣିବା ସହିତ ଚିତ୍ର ଆଙ୍କିଥିବା ଛାତ୍ରୀଛାତ୍ରଙ୍କ ନାମକୁ କାର୍ଡରେ ପ୍ରିଂଟ କରିବା ଲାଗି ବ୍ଯବସ୍ଥା କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ଏହି ଅବସରରେ ଗୁରୁବାର ବସ୍ତା ବ୍ଲକର ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ବିଦ୍ୟାଳୟର ୯ଜଣ ଦିବ୍ଯାଙ୍ଗ ଛାତ୍ରୀଛାତ୍ର ଏହି କାର୍ଯ୍ଯକ୍ରମରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ସୁବ୍ରତ ଦଳେଇ, କାଣ୍ଡି ସି, ଦମୟନ୍ତୀ ସି ଏବଂ ଅହଲ୍ଯା ଦଳେଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ହୋଇ ପୁରସ୍କୃତ ହୋଇଥିଲେ। ବିଚାରକ ଭାବେ ଚିତ୍ରଶିଳ୍ପୀ କେଶୁ ଦାସ ଯୋଗଦେଇ ଥିଲେ। କାରଖାନା ନିର୍ଦ୍ଦେଶକ ଧୀରେନ କୁମାର ନାଥ, ସିଏସ୍‌ଆର୍ ମୁଖ୍ଯ ସଂଗ୍ରାମ ମହାନ୍ତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶଶୀଭୂଷଣ ଗ୍ରହାଚାର୍ଯ୍ଯ, ସୁବୀର କୁମାର ନାୟକ, ଜ୍ଯୋସ୍ନାରାଣୀ ଜେନା ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମ୍ପାଦିକା ମଞ୍ଜୁବତୀ ବିଶ୍ୱାଳ, ଜଗନ୍ନାଥ ତରେଇ, ଅଶୋକ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଖୋଲିଲା ଧାନମଣ୍ଡି: ପ୍ରଥମ ଦିନରେ ୨୬୦ କୁଇଣ୍ଟାଲ ଧାନ କ୍ରୟ

**ଔପଦା, ୧୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ତଳକିଆ ସେବା ସମବାୟ ସମିତି ପରିସରରେ ଶୁକ୍ରବାର ସରକାରୀ ଧାନମଣ୍ଡି ଖୋଲାଯାଇଛି। ଏହି ଧାନମଣ୍ଡିକୁ ଔପଦା ବିଡ଼ିଓ ପୀତାମ୍ବର ଭୋଇ, ସମବାୟ ସମିତି ସମ୍ପାଦକ ଅଜୟ କୁମାର ପଟ୍ଟନାୟକ, ସଭାପତି ସନାତନ ସେଠୀ, ଚାଷୀ ପ୍ରତିନିଧି ତଥା ଧାନ ବିକ୍ରୟ କରିବାକୁ ଆସିଥିବା ଚାଷୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ପ୍ରଥମ ଦିନରେ ପ୍ରାୟ ୨୬୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ତଳକିଆ ସେବା ସମବାୟ ସମିତି ଦ୍ୱାରା ପ୍ରାୟ ୬,୨୦୦ କୁଇଣ୍ଟାଲ ଧାନ ଚଳିତ ଖରିଫ ଋତୁରେ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବିଷୟ ସମବାୟ ସମିତି ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।



ମଣ୍ଡିକୁ ବିକ୍ରି ପାଇଁ ଆସିଥିବା ଧାନ।

### କାର-ଟ୍ରକ୍ ଦୁର୍ଘଟଣା

**ରେମୁଣା,୧୪।୧୨(ଡି.ଏନ.ଏ.):** ଶୁକ୍ରବାର ସନ୍ଧ୍ୟାରେ ବାଲେଶ୍ୱରରୁ କଟକ ଆଡ଼କୁ ଯାଉଥିବା ୧୦ ଚକିଆ ଟ୍ରେଲର ଏକ କାର୍‌କୁ ଓଭରଟେକ କରୁଥିବା ବେଳେ ପଛପଟୁ ଯାଉଥିବା ମିନିଟ୍ରକ ଟ୍ରେଲର ସହିତ ଧକ୍କା ହୋଇ ବାମ ପାଖରେ କାର ଆଡ଼କୁ ମାଡ଼ି ଯାଇଥିଲା। ଫଳରେ କାର ଚାଳକଙ୍କ ଅବସ୍ଥା ଗୁରୁତର ହୋଇଛି। ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶେରଗଡ଼ ଫାଣ୍ଡି ପୋଲିସ ଟ୍ରକ୍ ଚାଳକଙ୍କୁ ଅଟକ ରଖି ତଦନ୍ତ କରୁଛି।

# ଶ୍ରମିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା

**ବାଲେଶ୍ୱର ଅଫିସ, ୧୪।୧୨**

ବାଲେଶ୍ୱର ସର୍କିଟ୍ ହାଉସ୍‌ଠାରେ ହିନ୍ଦ୍ ମଜଦୁର ସଭାର ଏକ ପ୍ରତିନିଧି ଦଳ ସଭାପତି ଅରୁଣ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ରାଜ୍ୟ ଶ୍ରମ ଆୟୁକ୍ତ ଅଞ୍ଜନ କୁମାର ମାଇତିଙ୍କୁ ଗୁରୁବାର ଅପରାହ୍ନରେ ସାକ୍ଷାତ୍ କରିଥିଲେ। ଏହି ଅବସରରେ ବାଲେଶ୍ୱରରେ ଥିବା ବିଭିନ୍ନ ଶିଳ୍ପ ଅନୁଷ୍ଠାନର ଅସୁବିଧା ଏବଂ ନିର୍ମାଣ ଶ୍ରମିକମାନଙ୍କ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଭିନ୍ନ ଶ୍ରମିକ ସମସ୍ୟା ଏବଂ ଶିଳ୍ପ ଅନୁଷ୍ଠାନରେ ଥିବା ଅସୁବିଧା ଦୂର ପାଇଁ ପଦକ୍ଷେପ ନେବାକୁ ଶ୍ରମ ଆୟୁକ୍ତ ମାଇତି ପ୍ରତିଶ୍ରୁତି ଦେଇଥିଲେ। ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ଉପଶ୍ରମ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ, ହିନ୍ଦ୍ ମଜଦୁର ସଭାର ପ୍ରତିନିଧି ଶମ୍ଭୁନାଥ ଦାସ, ଶେଖ ମୟଉଦ୍ଦିନ, ଅନିଲ ଦାସ, ପୀତାମ୍ବର ମାଝି, ଶରତ ସାହୁ ଓ ସୁରତୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ରସାଳପୁର ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଉତ୍ସବ

# ପୁଷ୍ପିତା, ପଦ୍ମଲୋଚନ ଚାମ୍ପିୟନ

**ରସାଳପୁର,୧୪।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରସାଳପୁର ଉଚ୍ଚବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ଶତପଥି, ବାଲେଶ୍ୱର ଜିଲା ସ୍କୁଲର ଅବସରପ୍ରାପ୍ତ କ୍ରୀଡ଼ାଶିକ୍ଷକ ଗଗନ ବିହାରୀ ଦାସ ଖେଳକୁଦ ପ୍ରତି ଗୁରୁତ୍ୱ ଦେବାକୁ କହିଥିଲେ। କ୍ରୀଡ଼ା ଶିକ୍ଷକ ସୌମ୍ୟରଞ୍ଜନ ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ଡ. ନିରାକାର ମହାଲିକ, ପ୍ରତ୍ୟୁଷା ପଲାଇ, ମଧୁମିତା ନନ୍ଦୀ, ରଞ୍ଜିତା ପରିଡ଼ା, ରାଜେଶ ଦାଶ, ନିରଞ୍ଜନ ବାରିକ, ଅବିନାଶ ପ୍ରଧାନ, ଭଗବାନ ଦାସ ପ୍ରମୁଖଙ୍କ ସହଯୋଗରେ ଉଭୟ ବାଳିକା ଓ ବାଳକ ବିଭାଗରେ ଶତାଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ଆସନ୍ତା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ପ୍ରତିଯୋଗିତାରେ ବାଳିକା ବିଭାଗରେ ପୁଷ୍ପିତା ପ୍ରଧାନ ଓ ବାଳକ ବିଭାଗରେ ପଦ୍ମଲୋଚନ ସାହୁ ଚାମ୍ପିୟନ ହୋଇଥିଲେ।



ବାର୍ଷିକ କ୍ରୀଡ଼ୋତ୍ସବରେ ଶିକ୍ଷକଙ୍କ ଗହଣରେ ଛାତ୍ରୀଛାତ୍ର।

■ ବାହାନଗା ପଞ୍ଚାୟତ ସମିତି ବୈଠକ

# ପାଇଖାନା ନିର୍ମାଣରେ ପିସି କାରବାର ନେଇ ହୋହଲ୍ଲା

**ବାହାନଗା, ୧୪।୧୨(ଡି.ଏନ.ଏ.)**

ବାହାନଗା ବ୍ଲକର ୫ମ ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱଚ୍ଛ ଭାରତ ଅଭିଯାନ ଦ୍ୱାରା ନିର୍ମାଣ ହେଉଥିବା ପାଇଖାନାରେ ପିସି କାରବାର ନେଇ ଗୃହରେ ସଭ୍ୟମାନେ ଅଭିଯୋଗ କରିବା ସହିତ ହୋହଲ୍ଲା କରିଥିଲେ। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ସରସ୍ୱତୀ ମହାଳିକ ସଭାପତିତ୍ୱ କରିଥିଲେ। ଏଥିରେ ବିଡିଓ ନିରଞ୍ଜନ ସାହୁ, ଏବିଡିଓ ମାନସ କୁମାର ଚୌଧୁରୀ, ଜିପିଓ ରାମଚନ୍ଦ୍ର ମାରାଣ୍ଡି, ଭଦ୍ରକ ଏମ୍‌ପି ଓ ବାଲେଶ୍ୱର ଏମ୍‌ପିଙ୍କ ଦୁଇ ପ୍ରତିନିଧି ଶ୍ରୀଧର ମହାନ୍ତି, ରମାକାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ନୀଳଗିରି ବିଧାୟକ ଓ ସୋର ବିଧାୟକଙ୍କ ଦୁଇ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ସନ୍ତୋଷ କୁମାର ପଣ୍ଡା, ୧୯ ନମ୍ବର ଜୋନର ଜିଲାପରିଷଦ ସଭ୍ୟ ଶରତ ଚନ୍ଦ୍ର ରାଜ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସଦାଶିବ ବେହେରା, ଏପିଓ ସୁଭଦ୍ରା ରାଉତ, ରାଜକିଶୋର ପଣ୍ଡା, ପ୍ରସନ୍ନ ବାରିକ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗ ଉପରେ ଆଲୋଚନା କରିଥିଲେ। ବୈଠକରେ ବିଶେଷ କରି ଜିଜିୱାଇ କାର୍ଯ୍ୟ, ସିସି ରୋଡ୍, ଖାଉଟି ବଣ୍ଟନ, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ, ଶିକ୍ଷା ବିଭାଗ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ମଧୁବାବୁ ପେନସନ ଭତ୍ତା ଉପରେ ଆଲୋଚନା କରାଯାଇଥିଲା। ସାଧାରଣତଃ ପାନୀୟ ଜଳ ଓ ପରିମଳ ବିଭାଗ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନରେ ନିର୍ମାଣ ହେଉଥିବା ପାଇଖାନାଗୁଡ଼ିକର ହିତାଧିକାରୀଙ୍କଠାରୁ ୫ଶହ ଟଙ୍କା ପିସି ବାବଦରେ ନିଆଯାଉଥିବା ସମ୍ପର୍କରେ ଉପସ୍ଥିତ ସରପଞ୍ଚ ଓ ସମିତିସଭ୍ୟାସଭ୍ୟମାନେ ଅଭିଯୋଗ କରିଥିଲେ। ବିଭାଗୀୟ କନିଷ୍ଠଯନ୍ତ୍ରୀ ରୀତାଞ୍ଜଳି ସାହୁ ସଭ୍ୟମାନଙ୍କର ଉତ୍ତର ରଖିବା ସହ କାମ କରିଥିବା ହିତାଧିକାରୀମାନେ କିପରି ଟଙ୍କା ପାଇପାରିବେ ସେ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ପ୍ରକାଶ କରିଥିଲେ। ବୈଠକରେ ଶିକ୍ଷା ବିଭାଗର ଅଧିକାରିଣୀ, ବିଦ୍ୟୁତ୍ ବିଭାଗ, ଶିଶୁ ଓ ମହିଳା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ବିଭାଗର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।



ମଞ୍ଚ ତଳେ ବସିଥିବା ବିଭିନ୍ନ ବିଭାଗର ଅଧିକାରୀ ଓ ଲୋକ ପ୍ରତିନିଧିମାନେ।

## ସଂକ୍ଷେପରେ

### ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଭଣ୍ଡାରିପୋଖରୀ,୧୪।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ନାଆଁମୀ ପଞ୍ଚାୟତର ସାତଶୋଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡିରେ ଥିବା ଏକ ନିମ୍ବଗଛରେ ଜଣେ ଅଚିହ୍ନା ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମଞ୍ଜୁରିରୋଡ ଫାଣ୍ଡି ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତ ଯୁବକଙ୍କ ବୟସ ୩୦ ଭିତରେ ହେବ। ତାଙ୍କ ପରିଚୟ ମିଳି ନାହିଁ। ନିମ୍ବଗଛର ପ୍ରାୟ ୨୦ ଫୁଟ ଉଚ୍ଚରେ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଫାଣ୍ଡି ଏଏସଆଇ ହୃଷୀକେଶ ନାୟକ ପ୍ରାଥମିକ ତଦନ୍ତ ପରେ କହିଛନ୍ତି।

### ପିଠା କାର୍ଯ୍ୟକ୍ରମରେ ନିର୍ବାଚିତ ପ୍ରତିନିଧିଙ୍କୁ ଉପେକ୍ଷା

**ଭଦ୍ରକ ଅଫିସ, ୧୪।୧୨:** ଶୁକ୍ରବାର ଭଦ୍ରକ ବ୍ଲକ ପରିସରରେ ପିଠା କାର୍ଯ୍ୟକ୍ରମକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ହରିଶ୍ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ବ୍ଲକ ଅଧ୍ୟକ୍ଷ ରଘୁନାଥ ଓ ବହୁ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି ଯୋଗ ଦେଇଥିଲେ। ପିଠା କାର୍ଯ୍ୟକ୍ରମରେ ଜନସଚେତନତା ସୃଷ୍ଟି ଲାଗି ଆସନ୍ତା ୧୫ରୁ ୨୦ ତାରିଖ ଯାଏ ବିଭିନ୍ନ ପଞ୍ଚାୟତରେ ସ୍ଥିର ହୋଇଥିବା ସ୍ଥାନକୁ ନେଇ ଉପସ୍ଥିତ ନିର୍ବାଚିତ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବେନ୍ତାଳ, ଗୋରାମାଟି, ଚଣ୍ଡିଗାଁ, ଗୁଜିଦରଡା ପ୍ରମୁଖ ପଞ୍ଚାୟତରେ ସ୍ଥିର ହୋଇଥିବା ସ୍ଥାନକୁ ବିରୋଧ କରାଯାଇଥିଲା। ଜନ ପ୍ରତିନିଧିଙ୍କୁ ଉପେକ୍ଷା କରି ଏଭଳି କାର୍ଯ୍ୟକ୍ରମ ହେଉଥିବାରୁ ଏହାର ସଫଳତା ପ୍ରଶ୍ନବାଚୀସୃଷ୍ଟି କରିଛି ବୋଲି ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ କହିଥିଲେ।

### ବିକାଶ ଆଣିବା ଲାଗି ସମ୍ମିଳିତ ପ୍ରୟାସ ଲୋଡ଼ା

**ଭଣ୍ଡାରିପୋଖରୀ,୧୪।୧୨(ଡି.ଏନ.ଏ.):** ସାମାଜିକ ଓ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଓ ବିକାଶ ଆଣିବା ଲାଗି ସମ୍ମିଳିତ ପ୍ରୟାସ ଲୋଡାବୋଲି ଭଦ୍ରକ ଜିଲା ବ୍ରାହ୍ମଣ ମହାସଭା ତରଫରୁ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଠକରେ ମତବ୍ୟକ୍ତ କରାଯାଇଛି। ତେସିଙ୍ଗା ପଞ୍ଚାୟତ ବିଶୋଳ ଶାସନ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ବସିଥିବା ବୈଠକରେ ଭଣ୍ଡାରିପୋଖରୀ ବ୍ଲକ ସଭାପତି ଜଗନ୍ନାଥ ପଣ୍ଡାଙ୍କ ପୌରୋହିତ୍ୟ କରିଥିଲେ। ଭଦ୍ରକ ଜିଲା ସଭାପତି ବିଷ୍ଣୁମୋହନ ପଣ୍ଡା, ସମ୍ପାଦକ ଅନନ୍ତ ତ୍ରିପାଠୀ, ଚିନ୍ମୟ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଆସନ୍ତା ଜାନୁୟାରୀରେ ହେବାକୁ ଥିବା ଭୁବନେଶ୍ୱର ରାଲିରେ ବହୁସଂଖ୍ୟାରେ ଯୋଗ ଦେବା ପାଇଁ ବୈଠକରେ ନିବେଦନ କରିଥିଲେ। ଏହି ଅବସରରେ ତେସିଙ୍ଗା ପଞ୍ଚାୟତରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପ୍ରଭାକର ପଣ୍ଡା, ଉପସଭାପତି ବିଘ୍ନରାଜ ଶତପଥି, ସମ୍ପାଦକ ଦିଲିପ ଦାଶ, ସହସମ୍ପାଦକ ରବୀନ୍ଦ୍ର ପଣ୍ଡା, ଯୁବବାହିନୀ ସଭାପତି ଜଗନ୍ନାଥ ପଣ୍ଡା, ସମ୍ପାଦକ ଭାବେ ବଳରାମ ପଣ୍ଡା ଓ ଜଗନ୍ନାଥ ପତିଙ୍କୁ ମନୋନୀତ କରାଯାଇଥିଲା।

### ସରମରାରେ ଖୋଲିଲା ଧାନମଣ୍ଡି

**ବନ୍ତ,୧୪।୧୨(ଡି.ଏନ୍.ଏ.):** ଚାଷୀଙ୍କଠାରୁ ଧାନ ସଂଗ୍ରହ ଲାଗି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଗରପଡା ଶାଖା ଅଧୀନ ସରମରା ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଶାଖା ପରିଚାଳକ ସୁଶାନ୍ତ କୁମାର ନାୟକ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ଶଶିକାନ୍ତ ଜେନା, ସମ୍ପାଦକ ନିତ୍ୟାନନ୍ଦ ନାୟକ, କର୍ମଚାରୀ ମାନସ କୁମାର ଜେନା, ଦୀପେନ୍ଦ୍ର କୁମାର ପ୍ରଧାନ, ଚାଷୀ କମିଟିର ସଭ୍ୟ ସୁଧାଂଶୁ ଶେଖର ନାୟକ, ମୁକ୍ତିକାନ୍ତ ଓଝା, ବୋର୍ଡ ସଭ୍ୟ ହୃଷୀକେଶ ମଲ୍ଲିକ, ମାଗୁଣି ସାହୁ, ଚାଷୀ ଦାଶରଥି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ୨ଜଣ ଚାଷୀଙ୍କ ଠାରୁ ଧାନକ୍ରୟ କରାଯାଇଥିଲା।

# ଧାନ ବିକିବାକୁ ମଣ୍ଡିରେ ଚାଷୀଙ୍କ ଭିଡ଼

- ଅଭାବୀ ବିକ୍ରିର ଶିକାର ହେଉଥିଲେ ଚାଷୀ
- ପୂର୍ବରୁ ଚିହ୍ନଟ ଚାଷୀଙ୍କୁ ମିଳିଲା ମୋବାଇଲ ଫୋନ୍


ପଦ୍ମପୁରରେ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଉଛି।

**ଧାମନଗର/ ତିହିଡ଼ି/ ପଦ୍ମପୁର, ୧୪।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲାରେ ଚାଷୀଙ୍କଠାରୁ ଖରିଫ ଧାନ କିଣିବା ଲାଗି ପ୍ରଶାସନ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲା ଯାଇଛି। ଚାଷୀମାନେ ଆଗୁଆ ଧାନ ଅମଳ କରି ସାରିଥିବା ବେଳେ ସରକାରୀ ମଣ୍ଡି ଖୋଲି ନ ଥିବାରୁ ଜିଲାର ବିଭିନ୍ନ ଅଞ୍ଚଳରେ ଅଭାବୀ ବିକ୍ରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଧାନ ବେପାରୀ ଓ ଦଲାଲମାନେ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟ ନ ଦେଇ କମ୍ ଦରରେ ଧାନ କିଣୁଥିବା ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପ୍ରଶାସନ ତତ୍ପରତା ପ୍ରକାଶ କରି ଶୁକ୍ରବାର ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲିବାରୁ ଚାଷୀମାନେ ଭିଡ ଜମାଇ ଧାନ ବିକ୍ରି ଆରମ୍ଭ କରିଛନ୍ତି।

ଧାମନଗର ସେବା ସମବାୟ ସମିତି ପକ୍ଷରୁ ଖୋଲିଥିବା ମଣ୍ଡିକୁ ସ୍ଥାନୀୟ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ଉକ୍ତ ମଣ୍ଡିରେ ମୋଟ ୫ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଶୁକ୍ରବାର ପ୍ରଥମ ଦିନରେ ୧୦ ଚାଷୀ ୪ ଶହ କୁଇଣ୍ଟାଲ ଧାନ ବିକିଥିଲେ। ସମବାୟ ସଭାପତି ନାରାୟଣ ମହାପାତ୍ର, ସିଇଓ ଦେବେନ୍ଦ୍ର ନାୟକ, ସମ୍ପାଦକ ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଚୁଡାକୁଟି ସମବାୟ ସମିତିରେ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସଭାପତି ନରେନ୍ଦ୍ର ଦାସ,ସମ୍ପାଦକ ଅରୁଣ ଉଦୟ ପାତ୍ର, ରାଜୀବ ଦାସ, ଦାମୋଦର ମଲ୍ଲିକ,ନରେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଆମ ତିହିଡ଼ି ପ୍ରତିନିଧି ଜଣାଇଛନ୍ତି ଯେ, ଏହି ବ୍ଲକ ଅଧୀନ ବାମନବିନ୍ଧା, ନରେନ୍ଦ୍ରପୁର, ବାରସର, ଭାଟପଡ଼ା ଓ ବିଲଣା ସମବାୟ ସମିତିରେ ୫ଟି ସରକାରୀ ମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ ହୋଇଛି। ବାମନବିନ୍ଧା ସମବାୟ ସମିତିରେ ସଭାପତି ସଂଗ୍ରାମ ମହାନ୍ତି, ସମ୍ପାଦକ ସୁଦର୍ଶନ ଖଟୁଆ, ସହସମ୍ପାଦକ କୁଳରଞ୍ଜନ ବେହେରା, ପୂର୍ବତନ ସମ୍ପାଦକ ନିତ୍ୟାନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ନରେନ୍ଦ୍ରପୁର ସମବାୟ ସମିତିରେ ସଭାପତି ସୁଶାନ୍ତ ମହାକୁଡ଼, ସମ୍ପାଦକ ମାୟାଧର ବେହେରା, ସହସମ୍ପାଦକ ଶ୍ରୁତିଧର ରଣା, ଭବେଶ ଧଳ ଉପସ୍ଥିତ ରହି ଧାନ କିଣା କାମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୂର୍ବରୁ ଚିହ୍ନଟ ୨୭ଜଣ ଚାଷୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ବାରସର ସମବାୟ ସମିତିରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପରିଚାଳକ ମହେନ୍ଦ୍ର ନାୟକ, ସିଇଓ ସଞ୍ଜୟ ଦାସ, ସରପଞ୍ଚ ମାନସ ରଞ୍ଜନ ସାହୁ, ସଭାପତି ଶ୍ରୀଧର ମଳିକ, ସମ୍ପାଦିକା ସତ୍ୟଭାମା ବିଶ୍ୱାଳ ଉପସ୍ଥିତ ଥିଲେ। ସେଠାରେ ୨୩ଜଣ ଚାଷୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ଭାଟପଡ଼ା ସମିତିରେ ସଭାପତି ଗୀତାଞ୍ଜଳି କର, ସମ୍ପାଦକ ଗୋପାଳ ମହାଳିକ ଏବଂ ବିଲଣା ସମବାୟ ସମିତି ସଭାପତି ତଥା ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ସରପଞ୍ଚ ଭାଗୀରଥି ମଳିକ, ସିଇଓ ସଞ୍ଜୟ ଦାସ, ସମ୍ପାଦକ ଅମରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଆମ ପଦ୍ମପୁର ପ୍ରତିନିଧି ଜଣାଇଛନ୍ତି ଯେ, ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ସେବା ସମବାୟ ସମିତିରେ ମଣ୍ଡି ଖୋଲା ଯାଇ ଶୁକ୍ରବାର ଧାନକିଣା ଆରମ୍ଭ ହୋଇଛି। ବାଲେଶ୍ୱର ଭଦ୍ରକ କୋଅପରେଟିଭ୍ ବ୍ୟାଙ୍କର ଶାଖା ପରିଚାଳକ ଅଶ୍ୱିନୀ କୁମାର ନାୟକ, ସିଏସଓ ଅଶୋକ କୁମାର ମାଝୀ, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ପାଢୀ, ସମିତିର ସମ୍ପାଦକ ଚକ୍ରଧର ନାୟକ, ସଭାପତି ଭ୍ରମରବର ନାୟକ, ଏଆରସିଏସ ସ୍ୱାତୀବାଳା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୧୨୦ କୁଇଣ୍ଟାଲ ଧାନ କିଣାଯାଇଥିବା ସୂଚନା ମିଳିଛି। ସେହିପରି ପଦ୍ମପୁର ସେବା ସମବାୟ ସମିତିରେ ଧାନକିଣା ଆରମ୍ଭ ହୋଇଛି। ସମିତିର ସମ୍ପାଦକ ଅମୂଲ୍ୟ କୁମାର ନାୟକ, ସଭାପତି ଅଭିମନ୍ୟୁ ସାହୁ, ସଭ୍ୟ ଦେବେନ୍ଦ୍ର କୁମାର ନାୟକ, ଅକ୍ଷୟ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୭୩ କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡିଛି। ବାସୁଦେବପୁର ବ୍ଲକ ବିଦେଇପୁର ସେବା ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମ ବେଳେ ସମିତିର ସଭାପତି ଆଦିତ୍ୟ କୁମାର ଗିରି, ସମ୍ପାଦକ ରତିକାନ୍ତ ରାଉତ, ନିର୍ଦ୍ଦେଶକ ନିରଞ୍ଜନ ଦାସ, ସମିତିର କର୍ମଚାରୀ ନଟକିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମିତିରେ ଧାନ ବିକ୍ରି ପାଇଁ ଏଥର ୭୦୦ ଚାଷୀ ଅନଲାଇନ ପଞ୍ଜୀକରଣ କରିଛନ୍ତି। ୭୫୦୦ କୁଇଣ୍ଟାଲ ଧାନ କିଣିବା ପାଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସମିତିରୁ ଧାନ କିଣିବା ପାଇଁ ମା' ଦୁର୍ଗା ରାଇସ ମିଲ ଓ ସିମ୍ପଲ ରାଇସ ମିଲକୁ ଜିଲା ଯୋଗାଣ ବିଭାଗ ତରଫରୁ ଦାୟିତ୍ୱ ଦିଆଯାଇଛି।

# ଲୋକକଳା, ଲୋକନୃତ୍ୟରେ ବିଭୋର ସହର


ଭଦ୍ରକ ସହରରେ କଳାକାରଙ୍କ ଶୋଭାଯାତ୍ରା।



ଷ୍ଟାଡିୟମ୍ ପରିସରରେ ଆଖଣ୍ଡଳମଣିଙ୍କ ବାଲୁକା ପ୍ରତିକୃତି।

**ଭଦ୍ରକ ଅଫିସ,୧୪।୧୨**

ସ୍ଥାନୀୟ ନେହେରୁ ଷ୍ଟାଡିୟମଠାରେ ଚାଲିଥିବା 'ଭଦ୍ରାୟନୀ' ମହୋତ୍ସବରେ ଲୋକକଳା ଓ ଲୋକନୃତ୍ୟ ପରିବେଷଣ ଲାଗି ଭଦ୍ରକ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରୁ ବଛାବଛା ୮ଟି ଦଳର କଳାକାର ଆସି ପହଞ୍ଚିଛନ୍ତି। ଶୁକ୍ରବାର ଅପରାହ୍ନରେ ଏହି କଳାକାରମାନେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ଲୋକକଳା ଓ ଲୋକନୃତ୍ୟ ପ୍ରଦର୍ଶନ କରି ନେହେରୁ ଷ୍ଟାଡିୟମଠାରେ ପହଞ୍ଚିଥିଲେ। ସେମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହରର ରାସ୍ତାଘାଟ ଦୁଲୁକି ଉଠିଥିଲା। ବହୁ ଦେଖଣାହାରି ରାସ୍ତାର ଉଭୟ ପାର୍ଶ୍ୱରେ ରହି ଲୋକକଳା ଓ ଲୋକନୃତ୍ୟ ଦେଖି ଆମୋଦିତ ହୋଇଥିଲେ।

ନେହେରୁ ଷ୍ଟାଡିୟମଠାରେ ଚାଲିଥିବା ଭଦ୍ରାୟନୀ ମହୋତ୍ସବର ଶେଷ ଦୁଇ ଦିନ ଶୁକ୍ରବାର ଓ ଶନିବାର ଲୋକକଳା ଓ ଲୋକନୃତ୍ୟ ପରିବେଷଣ କରାଯିବ। କଳାକାରମାନେ ଷ୍ଟାଡିୟମରେ ପହଞ୍ଚି ପାଲା, ସଂକୀର୍ତ୍ତନ, ଦାସକାଠିଆ ଓ ମୋଗଲ ତାମସା ପରିବେଷଣ କରିଥିଲେ, ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ଜିଲା ସଂସ୍କୃତି ଅଧିକାରୀ ଗୋଲକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋଟିଏ ପରେ ଗୋଟିଏ ଦଳ ନିଜର କଳାକୃତି ମଞ୍ଚ ଉପରେ ପରିବେଷଣ କରିଥିଲେ। ପଡିଆ ପରିସରରେ ବାଲୁକାଶିଳ୍ପୀଙ୍କ ଦ୍ୱାରା ବାବା ଆଖଣ୍ଡଳମଣିଙ୍କ ପ୍ରତିକୃତି ଦର୍ଶକଙ୍କ ଲାଗି ଭିନ୍ନ ଆକର୍ଷଣ ସୃଷ୍ଟି କରିଥିଲା।

### ଶକ୍ତି ସଂରକ୍ଷଣ ବକ୍ତୃତା
### ପ୍ରିୟଙ୍କା ୧ମ, ରୁଦ୍ରନାରାୟଣ ୨ୟ, ଚିନ୍ମୟୀ ୩ୟ

**ଧାମନଗର,୧୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ମୁରଲୀଧର ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କୁଇଜ ପ୍ରତିଯୋଗିତାରେ ଧାମନଗର ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ୧ମ ସ୍ଥାନ, ବମକୁରା ହାଇସ୍କୁଲ ଛାତ୍ର ରୁଦ୍ରନାରାୟଣ କର ୨ୟ, ଚୁଡାକୁଟି ଇନ୍ଦ୍ର ଗୋବିନ୍ଦ ହାଇସ୍କୁଲର ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ପାଗଳ ୩ୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମେ ଶକ୍ତି ବଞ୍ଚାଅ-ଦେଶ ବଞ୍ଚାଅ ଲେଖାଥିବା ପ୍ଲାକାର୍ଡ ଧରି ଛାତ୍ରୀଛାତ୍ର ଧୂଷୁରୀ ବଜାର ପରିକ୍ରମା କରିବା ପରେ ବିଦ୍ୟାଳୟ ସଭାଗୃହରେ ସଚେତନତା ସଭା ହୋଇଥିଲା। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ହୋତା ଅଧ୍ୟକ୍ଷତା କରିଥିଲେ। ବମକୁରା ହାଇସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ପରିଡା, ନଦୀଗାଁ ହାଇସ୍କୁଲ ପ୍ରଧାନଶିକ୍ଷକ ହେମନ୍ତ କୁମାର ସୂତାର ଯୋଗ ଦେଇ ଶକ୍ତି ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ନଗଦ ଅର୍ଥ ସହିତ ମାନପତ୍ର ପ୍ରଦାନ କରାଯାଇଥିଲା।

# ଭାଗ ନେଲେ ୨୯୪ ଛାତ୍ରୀଛାତ୍ର

**ବାସୁଦେବପୁର,୧୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ବିରସ ପଞ୍ଚାୟତର କେବିଡି ଉଚ୍ଚ ବାଳିକା ବିଦ୍ୟାଳୟ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଶୁକ୍ରବାର ୩୭ ତମ ବାର୍ଷିକ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୨୮ ହାଇସ୍କୁଲର ୨୯୪ ଛାତ୍ରୀଛାତ୍ର ଯୋଗ ଦେଇ କୁଇଜ, ସାଧାରଣଜ୍ଞାନ, ସଂଗୀତ, ଏକକ ଅଭିନୟ, ନୃତ୍ୟ, ଗଳ୍ପ ଲିଖନ, କବିତା ଆବୃତ୍ତି, ଚିତ୍ରାଙ୍କନ, ତର୍କ ଭଳି ୧୦ଟି ବିଭାଗରେ ପ୍ରତିଯୋଗିତାରେ ସାମିଲ ହୋଇଥିଲେ।


ଶିଶୁ ଉତ୍ସବରେ ଉପସ୍ଥିତ ଅତିଥି ଓ ଶିଶୁ କଳାକାର।

**ବ୍ଲକସ୍ତରୀୟ ବାର୍ଷିକ ଶିଶୁ ଉତ୍ସବ**

ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାରାୟଣ ମଲିକ ସମାରୋହକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଦିଗରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲ କହିଥିଲେ। ଓଷ୍ଟାର ଜିଲା ସଭାପତି ଉପେନ୍ଦ୍ର ପ୍ରସାଦ ପାଢୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପ୍ରତିଯୋଗିତା ଜ୍ଞାନର ପରିସୀମା ଓ ପ୍ରତିଭାକୁ ବିକଶିତ କରିଥାଏ ବୋଲି କହିଥିଲେ। ବିରସ ଗ୍ରାମର ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ସମିତିସଭ୍ୟ ସତ୍ୟସୁନ୍ଦର କୁଅଁର, ସାମାଜିକ କର୍ମୀ ଅଚ୍ୟୁତାନନ୍ଦ ପାଢୀ, ନିରଞ୍ଜନ ଦାସ, ନୋଡାଲ ୟୁପି ସ୍କୁଲ ପ୍ରଧାନଶିକ୍ଷକ ରତିକାନ୍ତ ପାଣିଗ୍ରାହୀ, ଓଷ୍ଟା ଯୁଗ୍ମ ସମ୍ପାଦକ ଅରୁଣ କୁମାର ଶତପଥୀ, ଓଷ୍ଟା ସମ୍ପାଦକ କମଳାକାନ୍ତ ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଓଷ୍ଟାର ବ୍ଲକ ସଭାପତି ବିଷ୍ଣୁମୋହନ ସାହୁ ସଭାରେ ପୌରୋହିତ୍ୟ କରିଥିଲେ। କେବିଡି ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପାଢୀ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ।

### ବରିଷ୍ଠ ଡାକ୍ତରଙ୍କ ପରଲୋକ

**ତିହିଡ଼ି, ୧୪।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳରେ ଜଣାଶୁଣା ବରିଷ୍ଠ ଡାକ୍ତର ଦିବାକର ସାମନ୍ତଙ୍କର ଗୁରୁବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ହୋଇଥିଲା। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ବିୟୋଗ ଘଟିଥିଲା। ସେ ଗତ କିଛିବର୍ଷ ଧରି ତିହିଡ଼ିରେ ଅବସ୍ଥାନ କରି ରୋଗୀସେବାରେ ନିଜକୁ ନିୟୋଜିତ କରିଥିଲେ। ତିହିଡ଼ିର ବିଭିନ୍ନ ସଙ୍ଗଠନ ସହିତ ମଧ୍ୟ ଜଡ଼ିତ ଥିଲେ। ସେବା କାର୍ଯ୍ୟ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ବିୟୋଗ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଡାକ୍ତର ଦିବାକରଙ୍କ ଘର ତିହିଡି ବ୍ଲକ ବାରୋ ପଞ୍ଚାୟତ ଅଧୀନ ଚବିଶପଡ଼ା ଗ୍ରାମରେ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାସୁଦେବପୁର,୧୪।୧୨(ଡି.ଏନ.ଏ.)**

ବାସୁଦେବପୁର ପୌରପାଳିକାର ବାଲିନଗର ଗ୍ରାମରେ ଦୁର୍ଯ୍ୟୋଧନ ବାରିକ (୩୨)ଙ୍କ ଝୁଲନ୍ତା ମୃତଦେହ ତାଙ୍କ ଶୋଇବା ଘରୁ ଶୁକ୍ରବାର ଉଦ୍ଧାର କରାଯାଇଛି। ବାସୁଦେବପୁର ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଭଦ୍ରକ ପଠାଇଛି। ପାରିବାରିକ ସମସ୍ୟାକୁ ନେଇ ସେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି।

- ଉଚ୍ଛେଦ ହେଲା କୁକୁଡ଼ା ଫାର୍ମ

# ମୁକ୍ତ ହେଲା ସରକାରୀ ଜମି

**ତିହିଡ଼ି,୧୪।୧୨(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ତହସିଲ ଅନ୍ତର୍ଗତ କମାରିଆ ବଜାରରେ ସରକାରୀ ଜାଗାରେ ଚାଲିଥିବା କୁକୁଡ଼ା ଫାର୍ମକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ସରକାରୀ ଜମି ଜବରଦଖଲ କରି କୁକୁଡା ଫାର୍ମ କରାଯାଇଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେଇ ନ ଥିଲା। ଫାର୍ମ ଯୋଗୁ ଯାତାୟାତରେ ସମସ୍ୟା ହେବା ସହ ପରିବେଶ ପ୍ରଦୂଷିତ ହେଉଥିଲା। ଏ ନେଇ ଅଞ୍ଚଳବାସୀ ମଧ୍ୟ ଅଭିଯୋଗ କରିଥିଲେ। ଶେଷରେ ହାଇକୋର୍ଟକୁ ଏହି ମାମଲା ଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର କୈଳାସ ଚନ୍ଦ୍ର ମହାଳିକ କୁକୁଡ଼ା ଫାର୍ମକୁ ଉଚ୍ଛେଦ କରି ସରକାରୀ ଜମିକୁ ଜବରଦଖଲମୁକ୍ତ କରିଛନ୍ତି।


ସରକାରୀ ଜାଗାରେ ଚାଲିଥିବା କୁକୁଡ଼ା ଫାର୍ମକୁ ଉଚ୍ଛେଦ କରାଯାଉଛି।

ପ୍ରଶାସନ ସୂତ୍ରରୁ ଜଣାଯାଇଛି ଯେ, କୋହ୍ଲ ଦାସସାହି ଗ୍ରାମର ସୁବାସ ଚନ୍ଦ୍ର ଦାସ କମାରିଆ ବଜାରରେ ଦୀର୍ଘ ୨୦ବର୍ଷ ଧରି ସରକାରୀ ଜାଗା ଜବରଦଖଲ କରି କୁକୁଡ଼ା ଫାର୍ମ ଖୋଲି ବ୍ୟବସାୟ କରି ଆସୁଥିଲେ। ସେହି ଫାର୍ମ ପଛକୁ କୋହ୍ଲ ଗ୍ରାମର ମନୋରଞ୍ଜନ ସାହୁଙ୍କର ବ୍ୟକ୍ତିଗତ ଜମି ରହିଥିଲା। ଚଳାଚଳରେ ତାଙ୍କର ଅସୁବିଧା ହେବାରୁ ସେ କୁକୁଡ଼ା ଫାର୍ମକୁ ଉଚ୍ଛେଦ କରିବା ଲାଗି ହାଇକୋର୍ଟର ଦ୍ୱାରସ୍ଥ ହୋଇ ମକଦ୍ଦମା କରିଥିଲେ। ଏହାର ମାମଲା ନଂ. ଡବ୍ଲୁପି(ସି)୧୦୪୪୭/୧୮। ହାଇକୋର୍ଟଙ୍କ ପକ୍ଷରୁ ଏହାର ବିଚାର କରାଯାଇ ଫାର୍ମକୁ ଉଚ୍ଛେଦ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ତହସିଲଦାର ତିହିଡ଼ି ଥାନା ଏସଆଇ ନୀଳାଞ୍ଚଳ ଜେନାଙ୍କ ଉପସ୍ଥିତିରେ ଫାର୍ମକୁ ଉଚ୍ଛେଦ କରାଯାଇଛି।

# ପିସି କାରବାର ବିରୋଧରେ ବିକ୍ଷୋଭ

**ଭଦ୍ରକ ଅଫିସ,୧୪।୧୨**

ବିଭିନ୍ନ କାର୍ଯ୍ୟାଳୟରେ ପିସି କାରବାର ଚାଲିଥିବାରୁ ଜିଲା ଭାଜପା କର୍ମକର୍ତ୍ତା ଉଦ୍‌ବେଗ ପ୍ରକାଶ କରି ଏହା ବିରୋଧରେ ଶୁକ୍ରବାର ଯୁଦ୍ଧଂ ଦେହି ଡାକରା ଦେଇଛନ୍ତି। ପିସି ହାତେଇବା ପାଇଁ ଶାସକ ଦଳର କର୍ମୀଙ୍କୁ ବିନା ଟେଣ୍ଡରରେ ଠିକାଦାରୀ କରିବା ପାଇଁ ସୁଯୋଗ ଦିଆଯାଉଛି ବୋଲି ଦଳ ଅଭିଯୋଗ କରିଛି।



ବିକ୍ଷୋଭ ଶୋଭାଯାତ୍ରାରେ ଭାଜପା କର୍ମୀମାନେ ସହର ପରିକ୍ରମା କରୁଛନ୍ତି।

ପିସି କାରବାର ବନ୍ଦ ଦାବି କରି ଯୁବମୋର୍ଚ୍ଚା କର୍ମୀ ଓ ସମର୍ଥକମାନେ ଭାଜପା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସେମାନେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରି କି ସେଠାରେ କର୍ମୀମାନେ କାର୍ଯ୍ୟାଳୟ ଭିତରକୁ ଧସେଇ ପଶି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଜିଲାରେ ହେଉଥିବା ଏଭଳି ଦୁର୍ନୀତି ପଛରେ ଶାସକ ଦଳର ହାତ ରହିଥିବା ମଞ୍ଚରେ ନେତାମାନେ ଖୋଲାଖୋଲି ଅଭିଯୋଗ କରିଥିଲେ। ଜିଲା ଯୁବ ମୋର୍ଚ୍ଚା ସଭାପତି ସୁରେଶ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଂଯୋଜକ ପ୍ରବୀର ଶଙ୍କର ଦାଶଙ୍କ ସମେତ ଭାଜପା ଜିଲା ସଭାପତି ବଦ୍ରୀ ନାରାୟଣ ଧଳ, ଡ. ପ୍ରଦୀପ ନାୟକ, ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ଶରତ ପଢିଆରୀ, ଅମ୍ବିକା ଦାସ, ଜିଲା ଉପସଭାପତି ମହେଶ୍ୱର ଧଳ, ଶୁଭ୍ରନାରାୟଣ ସେଠୀ, ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ଇଂ ସତ୍ୟବ୍ରତ ଦାସ, ସପନ ଦାସ ସମେତ ବହୁ ସଂଖ୍ୟାରେ ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଦେହରେ ନିଆଁ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ତିହିଡ଼ି,୧୪।୧୨(ଡି.ଏନ୍.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ବିଲଣା ପଞ୍ଚାୟତ ଲଞ୍ଜାତର ଗ୍ରାମରେ ରାଜକିଶୋର ମଲିକ (୩୨) ନାମକ ଜଣେ ଯୁବକ ଶୁକ୍ରବାର ଦେହରେ କିରୋସିନ ଢାଳି ନିଆଁଲଗାଇ ଆତ୍ମହତ୍ୟା କରିଛନ୍ତି । ସେ ସକାଳେ ଧାନ କାଟିବା ଲାଗି ବିଲକୁ ଯାଇଥିଲେ । ଅପରାହ୍ନ ୩ଟା ସମୟରେ ପରିବାର ସଦସ୍ୟ ବିଲକୁ ଯିବା ପରେ ରାଜକିଶୋର ସେଠାରେ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ । ମାନସିକ ବିକୃତି ଯୋଗୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି। ତିହିଡ଼ି ଥାନା ପୋଲିସ ମୃତଦେହକୁ ଜବତ କରି ଅଧିକ ତଦନ୍ତ ଚଳାଇଛି। ଏହି ଘଟଣାରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮୨/୧୮) ରୁଜୁ ହୋଇଥିବା ପୋଲିସ କହିଛି।

### ୨୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ବାସୁଦେବପୁର, ୧୪।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲରେ ଚାଲିଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୨୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାରାୟଣ ମଲିକ ସଭାରେ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅଟଳ ବିହାରୀ କଲେଜ ଅଧକ୍ଷ ଡ. ମନୋରଞ୍ଜନ ମିଶ୍ର ମୁଖ୍ୟବକ୍ତା, ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ପ୍ରାଥମିକ ଶିକ୍ଷା ବିଭାଗର ସହନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ପାତ୍ର, ଜିଲା ବିଜ୍ଞାନ ସଂଯୋଜକ ସରୋଜ ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

### 'ସେବା ପ୍ରତି ନିଷ୍ଠା ଲୋଡ଼ା'

**ଧାମନଗର,୧୪।୧୨(ଡି.ଏନ.ଏ.):** ସେବାମୂଳକ କାର୍ଯ୍ୟ ପ୍ରତି ନିଷ୍ଠା ରଖି କର୍ମଚାରୀମାନେ କାର୍ଯ୍ୟକଲେ ପ୍ରଶାସନ ଲୋକଙ୍କ ନିକଟତର ହୋଇ ପାରିବ। ଗୁରୁବାର ସିଡିପିଓ କାର୍ଯ୍ୟାଳୟ ପରିସରରେ ଭଦ୍ରକ ଜିଲା ଧାମନଗର ବ୍ଲକର ପରିସଂଖ୍ୟାନ ଅଧିକାରୀ ମନ୍ଦରଧର ଦୀକ୍ଷିତଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ଏହି ମତବ୍ୟକ୍ତ କରାଯାଇଛି। ବ୍ଲକ ସଂଯୋଜିକା ମମତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଡିପିଓ ନମିତା ଦାସ, ପୂର୍ବତନ ଏବିଡିଓ ଉପେନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# 'ଭଦ୍ରକ ମାଟିର ସୃଜନଶୀଳତା ଅନନ୍ୟ'

**ଭଦ୍ରକ ଅଫିସ, ୧୪।୧୨**



ପୁସ୍ତକମେଳାରେ ଗ୍ରାହକଙ୍କ ଭିଡ଼।

ଶୁକ୍ରବାର ଥିଲା ସାଲନ୍ଦୀ ବହିମେଳାର ତୃତୀୟ ସନ୍ଧ୍ୟା। ମନମୋହନ ସଂଗୀତ ପରିଷଦ ପରିସରରେ ଆୟୋଜିତ ୫ମ ସାଲନ୍ଦୀ ବହିମେଳାର ଏହି ସାରସ୍ୱତ ସନ୍ଧ୍ୟାରେ ବହିମେଳା କମିଟି ସଭାପତି ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଆଲୋଚ୍ୟ ପ୍ରସଙ୍ଗ ଥିଲା ୨୦୧୮ ଶାରଦୀୟ ସାହିତ୍ୟ : ସୃଜନ କାନ୍‌ଭାସ୍‌ରେ ଭଦ୍ରକ। ଏହି ପ୍ରସଙ୍ଗରେ ଅତିଥି ଆଲୋଚକ ଭାବେ ଡ. ପ୍ରଭାତ ନଳିନୀ ମହାପାତ୍ର, କଥା ସାହିତ୍ୟିକା ଡ. ସୁକାନ୍ତି ମହାପାତ୍ର ପ୍ରବନ୍ଧ ଏବଂ ଅଧ୍ୟାପକ କିଶୋର ପାଣିଗ୍ରାହୀ ଯୋଗ ଦେଇ ଶାରଦୀୟ କବିତା ସମ୍ଭାର ଉପରେ ଆଲୋଚନା କରିଥିଲେ। କବି ଅଶୋକ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଭଦ୍ରକ ମାଟିର ସୃଜନଶୀଳତା ଅନନ୍ୟ ଓ ଏହା ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ବହୁ ଗୁଣରେ ସମୃଦ୍ଧ କରିଛି ବୋଲି ଅତିଥିମାନେ କହିଥିଲେ।

**ସାଲନ୍ଦୀ ବହିମେଳାର ୩ୟ ସାରସ୍ୱତ ସନ୍ଧ୍ୟା**

୨୦୧୮ ଶାରଦୀୟ ବିଶେଷାଙ୍କ ଗୁଡିକରେ ପ୍ରକାଶିତ ଓଡ଼ିଆ କଥା ସାହିତ୍ୟ, ପ୍ରବନ୍ଧ ଓ କବିତା ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ସମ୍ପାଦକ ଅଭିଜିତ୍ ନାୟକ ପ୍ରାକ୍‌ଭାଷ ଓ ସ୍ୱାଗତ ଭାଷଣ ଦେଇଥିଲେ। ବସୁମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମନ୍ଦିରା ନୃତ୍ୟ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅପରାହ୍ନରେ ଡ. ହରିହର ନାୟକ ଓ ତାପସ ସାମଲଙ୍କ ପରିଚାଳନାରେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ବହିମେଳାର କର୍ମକର୍ତ୍ତା ଡା. ବିକାଶ ନନ୍ଦ, ହରମୋହନ କୁଅଁର, ସୁଚିତ୍ରା ପାଣିଗ୍ରାହୀ, ନାସିର ବକ୍ସ, ଶିବ ଖାମୁରାଇ, ଇଂ. ସୁବାସ ସାହୁ, ବିମ୍ବାଧର ବ୍ରହ୍ମ, ଶାନ୍ତନୁ ରାଉତ ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାର୍ଷିକ କ୍ରୀଡ଼ା: ୯୫୦ ପ୍ରତିଯୋଗୀ ସାମିଲ

**ଧାମନଗର,୧୪।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗଡିଆଳି ଖେଳ ପଡିଆରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି । ବିଦ୍ୟାଳୟରେ ୯୫୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରି ପ୍ରାୟ ୨୦ ପ୍ରକାର କ୍ରୀଡାରେ ଭାଗ ନେଇଛନ୍ତି। ସ୍ୱତନ୍ତ୍ର ବିଭାଗ ସମେତ ଶିଶୁବାଟିକା, ବାଲବର୍ଗ ଏବଂ କିଶୋର ବର୍ଗରେ ପ୍ରତିଯୋଗିତା କରାଯାଉଛି। ଯୁବ ସାମାଜିକ କର୍ମୀ ତାରାକାନ୍ତ ମିଶ୍ର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନନୀୟ ଅତିଥିଭାବେ ଶିକ୍ଷାବିତ ଯୁଧିଷ୍ଠିର ନାୟକ, ବିଦ୍ୟାମନ୍ଦିର ମୁଖ୍ୟ ଉପଦେଷ୍ଟା ଉତ୍କଳ ଭୂଷଣ ନାୟକ, ଉପସଭାପତି କ୍ଷୀରୋଦ ଦୁଆ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଇଂ. ସନ୍ତୋଷ ସାହୁ କ୍ରୀଡାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟ ଶାରୀରିକ ଶିକ୍ଷା ପ୍ରମୁଖ ସଂଗ୍ରାମ କେଶରୀ ଦାସଙ୍କ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗିତାକୁ ଆଚାର୍ଯ୍ୟ ବାସୁଦେବ ପତି, ମନୋଜ ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ପ୍ରଦୀପ ରାଉତ, ସୁଶାନ୍ତ ସାହୁ, ଆଚାର୍ଯ୍ୟା କାମିନୀଲତା ବେହେରା, ଶ୍ରଦ୍ଧାଞ୍ଜଳି ନାୟକ ପ୍ରମୁଖ ପରିଚାଳନା କରିଥିଲେ ।



ବାର୍ଷିକ କ୍ରୀଡ଼ା ଉତ୍ସବରେ ହାଇ-ଜମ୍ପ ପ୍ରତିଯୋଗିତା।

# 'କ୍ରୀଡ଼ା କ୍ଷେତ୍ରରେ ପ୍ରକାଶଙ୍କ ଅବଦାନ ଅତୁଳନୀୟ'

**ଭଦ୍ରକ ଅଫିସ, ୧୪।୧୨**

ପୂର୍ବତନ ହକି ତାରକା ତଥା ବିଶିଷ୍ଟ କ୍ରୀଡାବିତ୍ ପ୍ରକାଶ ଚନ୍ଦ୍ର ଦାସଙ୍କ ବିୟୋଗରେ ଭଦ୍ରକ ଜିଲା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏକ ହୋଟେଲ୍ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ କ୍ରୀଡାର ବିକାଶ କ୍ଷେତ୍ରରେ ପ୍ରକାଶଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ବକ୍ତା ଓ ଅତିଥିମାନେ ମତବ୍ୟକ୍ତ କରି ତାଙ୍କ କ୍ରୀଡା ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା କ୍ରିକେଟ୍ ଆସୋସିଏଶନ୍‌ର ଉପସଭାପତି ଅଧ୍ୟାପକ ବିଜୟ କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ବିଧାୟକ ନରେନ୍ ପଲାଇ, ବରିଷ୍ଠ ରାଜନେତା ତଥା କ୍ରୀଡ଼ା ସଂଗଠକ ଲକ୍ଷ୍ମୀନାରାୟଣ ମହାପାତ୍ର, ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ ଅଧ୍ୟକ୍ଷ ଧୀରେନ୍ ପଲାଇ, ଜିଲା କ୍ରିକେଟ୍ ଆସୋସିଏଶନ୍ ସମ୍ପାଦକ ଉପେନ୍ଦ୍ର କୁମାର ବାରିକ୍, କୋଷାଧ୍ୟକ୍ଷ ନିଲୁ ବ୍ୟୋମକେଶ ସେନାପତି, ତାଓ ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ, ରୋଭର୍ସ କ୍ଲବ୍‌ର ପ୍ରତିନିଧି ଗୌହର୍ ମୁସ୍ତାକ୍, ଇଷ୍ଟ କୋଷ୍ଟ ରେଲୱେର ସମ୍ପାଦକ ବୁଲୁ ମହାନ୍ତି, ଭଦ୍ରକ ପ୍ରିମିୟର୍ କ୍ରିକେଟ୍ ଲିଗ୍ ସଂଯୋଜକ କେ.ଭି.ପ୍ରସାଦ, ଭଦ୍ରକ ଜିଲା ଆଥଲେଟିକ୍ ଆସୋସିଏଶନ୍‌ର ଯୁଗ୍ମ ସମ୍ପାଦକ ଅତୀଶ କୁମାର ବେହେରା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ । କ୍ରୀଡାବିତ୍ ପ୍ରକାଶ ଚନ୍ଦ୍ର ଭଦ୍ରକ ଜିଲା ଆଥ୍‌ଲେଟିକ ଆସୋସିଏଶନ୍ ଓ ଭଦ୍ରକ ଜିଲା କ୍ରିକେଟ୍ ଆସୋସିଏଶନ୍‌ର ପ୍ରମୁଖ କାର୍ଯ୍ୟକର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଗତ ୭ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ସଭାରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ।

# ନୋଡାଲ ବିଦ୍ୟାଳୟରେ ଗଣ୍ଡଗୋଳିଆ ସ୍ଥିତି

**ଧାମନଗର,୧୪।୧୨ (ଡି.ଏନ.ଏ.)**

**ସୁରକ୍ଷା ଲୋଡ଼ିଲେ ୭ ଶିକ୍ଷୟିତ୍ରୀ ଶିକ୍ଷକ**

ଭଦ୍ରକ ଜିଲା ଧାମନଗର ବ୍ଲକ ଚୁଡାକୁଟି ସ୍ଥିତ ଇନ୍ଦ୍ରମଣି ନୋଡାଲ ବିଦ୍ୟାଳୟରେ ଗଣ୍ଡଗୋଳିଆ ସ୍ଥିତି ଲାଗି ରହିଛି । ବିଇଓ ପବିତ୍ର ମୋହନ ବାରିକ ଗୁରୁବାର ବିଦ୍ୟାଳୟକୁ ଯାଇ ବୁଝାଶୁଝା କରି ଫେରିଥିଲେ । ସେ ଫେରିବା ପରେ କେତେକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ହଙ୍ଗାମା କରିଥିଲେ ।

ଏହି ପରିପ୍ରେକ୍ଷୀରେ ୭ ଶିକ୍ଷୟିତ୍ରୀ ଶିକ୍ଷକ ଶୁକ୍ରବାର ସ୍କୁଲ ଛାଡି ବିଇଓଙ୍କ ନିକଟକୁ ଯାଇ ଫେରାଦ ହୋଇ ସୁରକ୍ଷା ଲୋଡ଼ିଥିବା ଜଣାପଡିଛି। ବିଦ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନାଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉଚ୍ଚ କର୍ତ୍ତୃପକ୍ଷ ଡାକିଥିବା ନେଇ ସୂଚନା ମିଳିଥିବା କହିଛନ୍ତି। ଉଲ୍ଲେଖନୀୟ ଯେ, ଗତ ମାସ ୨୭ ତାରିଖରେ ଜଣେ ପ୍ରାଥମିକ ଶିକ୍ଷକ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠପଢାଇବା ସମୟରେ କେତେଜଣଙ୍କୁ ମାଡ ମାରିବା ଘଟଣା ନେଇ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ସଂପୃକ୍ତ ଶିକ୍ଷକ ସେହି ଦିନରୁ ବିଦ୍ୟାଳୟ ଆସୁ ନ ଥିଲେ । ବିଇଓ ଏହାର ସମାଧାନ ଉଦ୍ୟମ କରିବା ପରେ ପୁଣି ଗଣ୍ଡଗୋଳ ଘଟିବାରୁ ସ୍ଥିତି ଅଧିକ ବିବାଦୀୟ ରୂପ ନେଇଛି। ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୩୭୬ ଛାତ୍ରୀଛାତ୍ର ପାଠ ପଢୁଥିବା ଜଣାପଡିଛି।

# ବାଲେଶ୍ୱରରୁ ଭଦ୍ରକ ମଦ ଚୋରା ଚାଲାଣର ପର୍ଦ୍ଦାଫାଶ

**ଭଦ୍ରକ ଅଫିସ, ୧୪।୧୨**

**୪୦୦ ଲିଟର ମଦ ଜବତ, ଗାଡ଼ି ଡ୍ରାଇଭର ଗିରଫ**



ଜବତ ଗାଡି ସହ ଡ୍ରାଇଭର ରତିକାନ୍ତ।

ବାଲେଶ୍ୱରରୁ ଭଦ୍ରକକୁ ବେଆଇନ ଭାବେ ଚାଲାଣ ହେଉଥିବା ୪୦୦ ଲିଟର ଦେଶୀ ମଦ ସହ ଏକ ଓମିନି ଗାଡିକୁ ଅବକାରୀ ବିଭାଗ ଜବତ କରିଛି। ଗୁରୁବାର ରାତିରେ ଏହି ମଦ ଚାଲାଣ ହେଉଥିବା ସୂଚନାକୁ ଆଧାର କରି ଭଦ୍ରକ ଜିଲା ଅବକାରୀ ବିଭାଗ ଚଢାଉ କରିଥିଲା। ଚୋରା ମଦ ଚାଲାଣ ଘଟଣାରେ ଗାଡି ଡ୍ରାଇଭର ବାଲେଶ୍ୱର ଇଶାଣି ଅଞ୍ଚଳର ରତିକାନ୍ତ ବେହେରାକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଜବତ ଓମିନିର ନମ୍ବର ଯୁପି ୬୪ ବି ୬୧୬୦ । ଉଲ୍ଲେଖନୀୟ ଯେ, ବାଲେଶ୍ୱର ଅଞ୍ଚଳରୁ ଦୈନିକ ଭଦ୍ରକକୁ ବେଆଇନ ଭାବେ ଦେଶୀ ମଦ ଚୋରା ଚାଲାଣ ଘଟଣା କିଛି ନୂଆ କଥା ନୁହେଁ। କିନ୍ତୁ ବିଭାଗୀୟ ଅଧିକାରୀ ଏହାର କିଛି ସୁରାକ ପାଉ ନ ଥିଲେ। ମଦ ମାଫିଆମାନେ କେତେକ ଅସାଧୁ ଅବକାରୀ କର୍ମଚାରୀଙ୍କୁ ହାତ କରି ଅବାଧରେ ଚୋରା ଚାଲାଣ କରି ଆସୁଥିଲେ। ଅଞ୍ଚଳବାସୀ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ମଦ ମାଫିଆଙ୍କ ପାଖରେ ଅବକାରୀ ବିଭାଗ ପହଞ୍ଚି ପାରୁ ନ ଥିଲା। ତେବେ ଗୁରୁବାର ରାତିରେ ଚୋରା ମଦ ଚାଲାଣ ଧରାପଡିବା ପରେ ଏ ନେଇ ଅଧିକ ତଦନ୍ତ କରାଯାଉଛି। ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ଅନୁରୂପ ଆଉ କେତେକ ସ୍ଥାନରେ ଚଢାଉ କରାଯାଇଥିବା ସୂଚନା ମିଳିଛି। ଚୋରା ମଦ ବ୍ୟବସାୟ କରୁଥିବା ମିର୍ଜାପୁରର କଳ୍ପତରୁ ବେହେରା ଓ ଗୌରାଙ୍ଗ ସାମଲଙ୍କୁ ଧରାଯାଇ କୋର୍ଟ ଚାଲାଣ କରାଯାଇଛି।

## ମୟୂରଭଞ୍ଜ

### ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ



**ବାରିପଦା ଅଫିସ,୧୪।୧୨:** ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ତହସିଲ ଅଧୀନସ୍ଥ ଶାମାଖୁଣ୍ଟା ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ କାର୍ଯ୍ୟାଳୟକୁ ଜିଲାପାଳ ବିନିତ ଭରଦ୍ୱାଜ ଉଦ୍‌ଘାଟନ କରିଥିଲେ। ଏହି ସମାରୋହରେ ଶାମାଖୁଣ୍ଟା ବିଡ଼ିଓ ଚିନ୍ମୟୀ କହଁର,ଶାମାଖୁଣ୍ଟା ତହସିଲଦାର ସାଗରଚନ୍ଦ୍ର ମୁର୍ମୁ ଓ ରାଜସ୍ୱ ନିରିକ୍ଷକ ଜଗନ୍ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**ଠାକୁରମୁଣ୍ଡା,୧୪।୧୨(ଡି.ଏନ.ଏ):** ଠାକୁରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲେ। ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା ।

### ବାର୍ଷିକ କ୍ରୀଡା ଉଦ୍‌ଘାଟିତ



**ବାଙ୍ଗିରିପୋଷି,୧୪।୧୨(ଡି.ଏନ.ଏ.):** ବାଙ୍ଗିରିପୋଷି ସରକାରୀ ମାଧମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଅଧିକାରୀ ଦୁଃଶାସନ ସିଂ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବୃନ୍ଦାବନ ଚନ୍ଦ୍ର ପେଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧକ୍ଷା ଡ.ପୁଷ୍ପାରାଣୀ ପାତ୍ର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରହରି ସାହୁ, ହିନ୍ଦୀ ଶିକ୍ଷକ ମନୋରଞ୍ଜନ ବେହେରା ଏବଂ ଏସଏମସି ଚେୟାରମ୍ୟାନ ଅରୁଣ ମହେଶ୍ୱର ଯୋଗ ଦେଇଥିଲେ । ଶିକ୍ଷକ ନୃସିଂହ ଚରଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରକାର କ୍ରୀଡା ଅନୁଷ୍ଠିତ ହୋଇଥିଲା ।

## ■ ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

# ୩ ମାସ ପରେ ବି କାର୍ଯ୍ୟକାରୀ ହେଉନି ନିର୍ଦ୍ଦେଶ

**କପ୍ତିପଦା,୧୪।୧୨(ଡି.ଏନ.ଏ.)**

**■ବାଦ ପଡିଥିବା ଆଶାୟୀ କୋର୍ଟ ଦ୍ୱାରସ୍ଥ**
**■ଖାମଖିଆଲି ମନୋଭାବ ହେତୁ ଅସନ୍ତୋଷ**

ବଡ଼ସାହି ବ୍ଲକ ଅଧୀନ ଯଦୁନାଥପୁର ପଞ୍ଚାୟତ ଖଡିଆସାହି ଗ୍ରାମରେ ନୂତନ ଭାବେ ଖୋଲିଥିବା ଏକ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଚୟନରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଗ୍ରାମବାସୀ ଜିଲାପାଳ, ଏସ୍‌ପି ମୟୂରଭଞ୍ଜ, ଉପଜିଲାପାଳ ବାରିପଦା ଓ ବଡସାହି ସିଡିପିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରତିବାଦରେ ଚୟନରୁ ବଞ୍ଚିତ ହୋଇଥିବା ପ୍ରାର୍ଥିନୀ ବାଙ୍ଗି ସୋରେନ ଓ ତାଙ୍କ ସ୍ୱାମୀ ବାଘରାୟ ସୋରେନ ଗତ ମାର୍ଚ୍ଚ ୧୨ ତାରିଖରେ ବାରିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତତ୍କାଳୀନ ଉପଜିଲାପାଳଙ୍କ ପ୍ରତିଶ୍ରୁତି ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବାଙ୍ଗି କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଅତିରିକ୍ତ ଜିଲାପାଳଙ୍କ କୋର୍ଟ ସମସ୍ତ ତଥ୍ୟକୁ ଆଧାର କରି ଗତ ଅଗଷ୍ଟ ୨୪ ତାରିଖରେ ଅଙ୍ଗନୱାଡି ଚୟନରେ ଅନିୟମିତତା ହୋଇଥିବାର ସ୍ପଷ୍ଟ କରିଥିଲେ। ଏହାପରେ ତୁରନ୍ତ ନିଯୁକ୍ତି ପାଇଥିବା କର୍ମୀଙ୍କୁ ଛଟେଇ କରି ନୂତନ କର୍ମୀ ଚୟନ ପ୍ରକ୍ରିୟା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୩ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯିବା ସତ୍ତ୍ୱେ ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନ ହେବାରୁ ଅସନ୍ତୋଷ ଦେଖାଦେଇଛି।

ଖଡିଆସାହିଠାରେ ନୂତନ ଭାବେ ଖୋଲିଥିବା ମିନି ଅଙ୍ଗନୱାଡି କେନ୍ଦ୍ରରେ ନିଯୁକ୍ତି ନିମନ୍ତେ ଗ୍ରାମର ବାଙ୍ଗି ସୋରେନ ଓ ଅନ୍ୟ ଜଣେ ମହିଳା ଆବେଦନ କରିଥିଲେ। ଉଭୟ ମହିଳା ସମ୍ପର୍କରେ ଯାଆ ହେବା ସହିତ ଗୋଟିଏ ଘରେ ବସବାସ କରନ୍ତି । ମାତ୍ର ଉଦ୍ଦେଶ୍ୟମୂଳକ ଭାବେ ଅଙ୍ଗନୱାଡି କର୍ମୀ ଚୟନ କରାଯାଇଥିବା ନେଇ ବାଦ୍‌ପଡ଼ିଥିବା ବାଙ୍ଗି ଅଭିଯୋଗ କରିବା ପରେ ବିବାଦ ଆରମ୍ଭ ହୋଇଛି। ଏ ସମ୍ପର୍କରେ ବଡସାହି ସିଡିପିଓ କୁନ୍ତିମଣୀ ପାତ୍ରଙ୍କୁ ପଚାରିବାରୁ ସେ କହନ୍ତି, ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।




ସଭାରେ ମଞ୍ଚାସୀନ ଅତିଥିମାନେ।

# ଆତ୍ମସୁରକ୍ଷା ତାଲିମ ଶିବିର

**ଭଞ୍ଜକିଆ,୧୪।୧୨**

ମୟୂରଭଞ୍ଜ ଜିଲା ରରୁଆଁ ବ୍ଲକ ଅଧୀନ ଭଞ୍ଜକିଆ ଚୈତନ୍ୟ ପ୍ରସାଦ ଡିଗ୍ରି ମହାବିଦ୍ୟାଳୟରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ସୁବୋଧ ଚନ୍ଦ୍ର ବାରିକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ଶିକ୍ଷାବିତ ଅଭିମନ୍ୟୁ ମହାନ୍ତ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଯୋଗେନ୍ଦ୍ର ନାଥ ମହାନ୍ତ, ଅଧ୍ୟାପିକା ସରୋଜିନୀ ମହାନ୍ତ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶେଷରେ ଓଡ଼ିଆ ଅଧ୍ୟାପକ ବିଶ୍ୱଜିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ମାଷ୍ଟର ଟ୍ରେନେର ଅରସୁମଣି ସରେନ ଓ ହେମୋଲତା ମହାନ୍ତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିଥିଲେ।



ସିପି କଲେଜ ପରିସରରେ କୃତୀ ଛାତ୍ରଦ୍ୱୟଙ୍କୁ ପୁରସ୍କୃତ କରାଯାଉଛି।

# ୨ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭଞ୍ଜକିଆ,୧୪।୧୨**

ଝାରସୁଗୁଡାରେ ଅନୁଷ୍ଠିତ ହୋଇଥିବା ଶୀତକାଳୀନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ରରୁଆଁ ବ୍ଲକ ଭଞ୍ଜକିଆ ସି.ପି. ଯୁକ୍ତ ଦୁଇ ମହାବିଦ୍ୟାଳୟର ୨ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ କୃଷ୍ଣା ମୁଣ୍ଡା ଓ ଖୁଦିରାମ ନାୟକ। କୃଷ୍ଣା ୧୦୦ମିଟର ଏବଂ ୨୦୦ମିଟରରେ ଦୌଡ ରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୪୦୦ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ତା ସହିତ ବ୍ୟକ୍ତିଗତ ଚାମ୍ପିୟନଶିପରେ ସର୍ବାଧିକ ନମ୍ବର ରଖିଥିବାରୁ ତାଙ୍କୁ ବାଳକ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଛି। ଏଥି ସହିତ ଯୁକ୍ତ ଦୁଇ ମହାବିଦ୍ୟାଳୟ ବିଜ୍ଞାନ ବିଭାଗର ଛାତ୍ର ଖୁଦିରାମ ନାୟକଙ୍କୁ ଉଚ୍ଚ ଡିଆଁ ରେ ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। ଏଥିନିମନ୍ତେ କଲେଜ ଅଧକ୍ଷ ସୁବୋଧ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଜଗେନ୍ଦ୍ର ମହାନ୍ତ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ସୁଧାକୃଷ୍ଣ ବାଗ, ପୂର୍ଣ୍ଣଚନ୍ଦ୍ର ନାଥ,ଫଣିଭୁଷନ ବାରିକ ଉପସ୍ଥିତ ଥିଲେ।

### ମାନବ ଅଧିକାର ସମ୍ପର୍କିତ ଆଲୋଚନା

**ବାରିପଦା ଅଫିସ,୧୪।୧୨**

ଓଡିଶା ସିଭିଲ ସୋସାଇଟି ପକ୍ଷରୁ ମୟୂରଭଞ୍ଜ ଜିଲା ବାରିପଦା ଆଇଏଏସ ଗୁରୁକୁଳ ମିଶନ ପରିସରରେ ମାନବ ଅଧିକାର ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୋସାଇଟିର ଆବାହକ ଡ.ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା ମୁଖ୍ୟ ଅତିଥି ଏବଂ ପୂର୍ବତନ ଜିଲା ବିଜ୍ଞାନ ପରିଦର୍ଶକ ନଳିନି କୁମାର ଚୌଧୁରୀ, ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଭାରତ ଶିକ୍ଷାରତ୍ନ ଅମିତାଭ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାମ୍ପ୍ରତିକ ସମାଜରେ ସବୁ ବେଳେ ବିଭିନ୍ନ ପରିସ୍ଥିତିରେ ମନୁଷ୍ୟର ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ଅତିଥିମାନେ ଆଲୋଚନାରେ ମତ ଦେବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ବିକାଶ ମଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଚନ୍ଦନ କୁମାର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଆରିଅନ ଫାଇଟର୍ସ ବିଜୟୀ

**ବେତନଟୀ,୧୪।୧୨(ଡି.ଏନ.ଏ)**

ବେତନଟୀ ଏମପିସି ଖେଳ ପଡିଆରେ ଚାଲୁଥିବା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇ ଯାଇଛି । ଆରିଅନ ଫାଇଟର୍ସ ପ୍ରଥମ ବ୍ୟାଟିଂ କରି ୧୪୪ ରନ ହାତେଇବାରେ ସକ୍ଷମ ହୋଇଥିଲେ । ପ୍ରତିଯୋଗି ଦଳ ନଡପୁର ଏମ୍ପରିଅର୍ସ ୧୧୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଏହି ଖେଳରେ ଆକାଶ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲା ଭାଜପା ସଭାପତି ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀୟ ଅତିଥି ଭାବେ କଳିଙ୍ଗ ସ୍ୱଟ ବାଲେଶ୍ୱର ଏମଡି ଅଲ୍ଲି ଖାଁ, ଜିଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଅଧକ୍ଷ ଅନୁକୂଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।




ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

## ସଂକ୍ଷେପରେ

### ନିଲମ୍ବିତ ହେଲେ ଶିକ୍ଷୟିତ୍ରୀ

**ହାଟଡିହୀ, ୧୪।୧୨(ଡି.ଏନ.ଏ.):** ହାଟଡିହୀ ବ୍ଲକ କାହାଲିଗଡିଆ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁକାନ୍ତି ଜେନାଙ୍କୁ ଡିପିସିଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ବିଇଓ ଗୁଣନିଧି ଦାସ ନିଲମ୍ବିତ କରିଛନ୍ତି। ସରକାରୀ ଅନୁଦାନରେ ଅନିୟମିତତା ସହ ମଧ୍ୟାହ୍ନ ଭୋଜନ ପରିଚାଳନାରେ ବିଫଳ ହୋଇଥିବାରୁ ଶିକ୍ଷୟିତ୍ରୀ ଜେନାଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଇଥିବା ବିଇଓ ଦାସ କହିଛନ୍ତି।

### ଯୁବ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ଚମ୍ପୁଆ, ୧୪।୧୨(ଡି.ଏନ.ଏ.):** କାନପୁର ଜଳସେଚନ ପ୍ରକଳ୍ପରେ ଜନ ଅଫିସର ଭାବେ କାର୍ଯ୍ୟ ତୁଲାଉଥିବା ଦର୍ଶନ ଲୁଗୁନଙ୍କର ଗୁରୁବାର ପରଲୋକ ହୋଇଛି। ଏ ନେଇ ଚମ୍ପୁଆରେ ଶୋକର ଛାୟା ଖେଳିଯାଇଛି। ଲୁଗୁନ ଜଣେ ଦକ୍ଷ, ସରଳ ଓ ନିଷ୍କପଟ ଅଧିକାରୀ ଭାବେ ବେଶ ପରିଚିତ ଥିଲେ। ଚମ୍ପୁଆରେ ସହକାରୀ ଜିଲାପାଳ ଭାବେ ଦୀର୍ଘ ଦିନ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ଘର ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମକପୁର (ଜୁଆଳିକଟା) ଗ୍ରାମରେ। ଶୁକ୍ରବାର ତାଙ୍କର ମରଶରୀର ପୈତୃକ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶରେ ଶବ ସତ୍କାର କରାଯାଇଥିଲା। ଚମ୍ପୁଆ ଉପଜିଲାପାଳ କାର୍ଯ୍ୟାଳୟ ପରିସରରେ ଏକ ଶୋକ ସଭା ହୋଇଥିଲା। ଉପଜିଲାପାଳ ପାରୁଲ ପଟାୱରୀ ଲୁଗୁନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସହକାରୀ ଜିଲାପାଳ ଚାରୁଲତା ସିଂ, ସପନ ସାହୁ, ଜେଲ ସୁପରିଣ୍ଟେଣ୍ଡେଣ୍ଟ ଜୀବନ ମୁଣ୍ଡା, ଅତିରିକ୍ତ ମଙ୍ଗଳ ଅଧିକାରୀ ବିଜୟ ଗିରି, ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ ନାଏକ ଉପସ୍ଥିତ ରହି ଲୁଗୁନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ।

### ଧକୋଠା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**କୋଲିମାଟି,୧୪।୧୨(ଡି.ଏନ.ଏ.):** ଆନନ୍ଦପୁର ବ୍ଲକ ଅର୍ନ୍ତଗତ ଧକୋଠା ଉଚ୍ଚ ବିଦ୍ୟାଳୟରେ ୪୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଧାନ ଶିକ୍ଷକ ଶତ୍ରୁଘ୍ନ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ାବିତ୍ ପ୍ରଫୁଲ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବାଳକ ଓ ବାଳିକା ବର୍ଗରେ ଖେଳକୁଦ ହୋଇଥିଲା। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ୧୮ ତାରିଖରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଖେଳ ଶିକ୍ଷକ ଶତ୍ୟାନନ୍ଦ ନାୟକ ପ୍ରକାଶ କରିଛନ୍ତି। ବରିଷ୍ଠ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ନିବେଦିତା ସାହୁ, ସୁଚରିତା ରାଉତ, ମୋନାଲିଶା ଦାଶ, ସୌମେନ୍ଦ୍ର ପଟ୍ଟନାୟକ, ପ୍ରାକ୍ତନ ଅଫିସ ସହାୟକ ପ୍ରଫୁଲ ସାହୁ, କର୍ମଚାରୀ ଦେହୁରି ପ୍ରତିଯୋଗିତା ପରିଚାଳନା କରିଥିଲେ।

### ରାସ୍ତା ନିର୍ମାଣରେ ଅନିୟମିତତା

**ତେଲକୋଇ, ୧୪।୧୨(ଡି.ଏନ.ଏ.):** ତେଲକୋଇ ବ୍ଲକ ଅଧୀନରେ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କାମ ଚାଲିଛି। କାଗଜକଲମରେ ରାସ୍ତା କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଛି। ଆକୁଳ ପଞ୍ଚାୟତଠାରୁ ଭୀମକାଣ୍ଡ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ କାମ ହେଉଛି। ଆକୁଳ ଛକଠାରୁ ଭୀମକାଣ୍ଡ ରାସ୍ତା ୩ ଶହ ମିଟର କଂକ୍ରିଟ ହୋଇଛି। ସେହି ରାସ୍ତାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୨୪ ଘଣ୍ଟା ମଧ୍ୟରେ କଂକ୍ରିଟ ବିଛେଇ ହୋଇପଡ଼ିଥିବା ସରପଞ୍ଚ ସମେତ ଆକୁଳବାସୀ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଏ ନେଇ ଗ୍ରାମ୍ୟ ଓ ଗୃହ ନିର୍ମାଣ ବିଭାଗ ଏସଡିଓ ବିପିନୀ ବିହାରୀ ବେହେରାଙ୍କୁ ପଚାରିବାରୁ ଯନ୍ତ୍ରୀଙ୍କୁ ପଚାରି ସତ୍ୟାସତ୍ୟ ଜଣାଯିବ। ଆକୁଳ ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

### ଶକ୍ତି ସଂରକ୍ଷଣ ସଚେତନତା ରାଲି

**ଯୋଡ଼ା, ୧୪।୧୨(ଡି.ଏନ.ଏ.):** ଶକ୍ତି ସଂରକ୍ଷଣ ଦିବସରେ ଯୋଡ଼ା ସହରସ୍ଥିତ ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସଚେତନତା ରାଲି ହୋଇଥିଲା। ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ରାଲିରେ ବାହାରି ଶକ୍ତି ସଂରକ୍ଷଣ ନେଇ ଲୋକଙ୍କୁ ସଚେତନ କରାଇଥିଲେ। ରାଲିରେ ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ତାରକା ଚିହ୍ନିତ ବୈଦ୍ୟୁତିକ ଉପକରଣ ଯଥା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର, ଫ୍ରିଜ୍, ବିଦ୍ୟୁତ ପମ୍ପ ଓ ମଟର, ପଙ୍ଖା, ଗ୍ୟାସ ଚୂଲା ବ୍ୟବହାର ସମ୍ପର୍କରେ କୁହାଯାଇଥିଲା।

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ

- ସୁନୀଲଙ୍କ ଗୋଡ଼ରେ ବଢୁଛି ଘା'
- ଅସହାୟ ଆଦିବାସୀ ବାଳକ
- ପାଠପଢ଼ାରେ ପଡିଛି ପୂର୍ଣ୍ଣଚ୍ଛେଦ

**ଝୁମ୍ପୁରା, ୧୪।୧୨(ଡି.ଏନ.ଏ.)**


ଘର ଅଗଣାରେ ଛିଡା ହୋଇଛନ୍ତି ସୁନୀଲ।

ସ୍ୱାସ୍ଥ୍ୟସେବା ଲୋକଙ୍କୁ ଯୋଗାଇ ଦେବା ପାଇଁ ସରକାରଙ୍କ ବହୁ ଯୋଜନା ରହିଛି। ଏ ନେଇ ତହବିଲରୁ ବହୁ ଅର୍ଥ ବ୍ୟୟ ହେଉଛି। ସବୁ ଯୋଜନା ସତ୍ତ୍ୱେ ଗ୍ରାମ ଓ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ବାସିନ୍ଦା ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହିପରି ପୁଣି ଏକ ଘଟଣା ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ବସନ୍ତପୁର ପଞ୍ଚାୟତର ତଳି ସାହିରେ ଦେଖିବାକୁ ମିଳିଛି। ସେହି ସାହିରେ ଝାଟିମାଟି ଘରେ ଗୋବିନ୍ଦ ମୁଣ୍ଡା ରହୁଛନ୍ତି। ୨ଝିଅ, ୨ ପୁଅଙ୍କୁ ନେଇ ତାଙ୍କର ସଂସାର। ଗୋବିନ୍ଦଙ୍କ ସ୍ତ୍ରୀଙ୍କ କେବେଠାରୁ ପରଲୋକ ହୋଇଯାଇଛି। ନିଜସ୍ୱ ଚାଷ ବାସ ନ ଥିବାବେଳେ ଗୋବିନ୍ଦ ମୂଲ ମଜୁରୀ କରି ଚଳୁଛନ୍ତି। ଗୋବିନ୍ଦଙ୍କ ମାନସିକ ସ୍ଥିତି ଭଲନାହିଁ। ବଡ଼ଝିଅର ବାହାଘର ସରିଥିବା ବେଳେ ୨ ପୁଅ ଏବଂ ଅନ୍ୟ ଗୋଟିଏ ଝିଅ ଆଶ୍ରୟ ନେଇଛନ୍ତି ଗୋବିନ୍ଦଙ୍କ ଭଉଣୀ ମଙ୍ଗୁଳି ମୁଣ୍ଡାଙ୍କ ଘରେ। ଗୋବିନ୍ଦଙ୍କ ବଡ ପୁଅ ସୁନୀଲ ମୁଣ୍ଡା(୧୨)ଙ୍କ ଗୋଡରେ ହୋଇଥିବା ଘା' ବଢି ଚାଲିଛି। ଘା' ଶୁଖୁ ନ ଥିବାରୁ ଏବଂ ମାଛି ମଶାଙ୍କ ଦାଉରୁ ରକ୍ଷା ପାଇବା ପାଇଁ ସୁନିଲ ଗୋଡ ଘା'ରେ କପଡା ଗୁଡାଇ ରଖିଛି।

ଅର୍ଥ ଅଭାବରୁ ସୁନିଲ ଚିକିତ୍ସା ହୋଇ ପାରୁନାହାନ୍ତି। ଚିକିତ୍ସା ନ ହେଲେ ଗୋଟିଏ ଗୋଡ ଅକାମୀ ହୋଇଯିବା ସହ ଜୀବନ ପ୍ରତି ବିପଦ ଦେଖା ଦେବାର ଆଶଙ୍କା ରହିଥିବା ସେ କହିଛନ୍ତି। ୧ ବର୍ଷର ଆଗରୁ ଗୋଡ ଆଘାତ ଲାଗି ଖଣ୍ଡିଆ ହୋଇ ଯାଇଥିଲା। ଝୁମ୍ପୁରା ଏବଂ କେନ୍ଦୁଝର ଡାକ୍ତରଖାନାରେ ସୁନିଲର ଚିକିତ୍ସା କରାଯାଇଥିଲା। ଅର୍ଥ ଅଭାବରୁ ସୁନିଲର ଚିକିତ୍ସା ଠିକ ଭାବେ ହୋଇ ପାରିଲା ନାହିଁ ବୋଲି ମଙ୍ଗୁଳି କହିଛନ୍ତି। ୬ ମାସରୁ ଊର୍ଦ୍ଧ୍ୱ ହେଲା ସୁନିଲଙ୍କ ପାଠପଢାରେ ଡୋରି ବନ୍ଧା ହୋଇଛି। ସୁନିଲ ଅସହାୟ ହୋଇ ପଡିଥିବା ବେଳେ ମଙ୍ଗୁଳି ହତାଶ ହୋଇ ରହିଛନ୍ତି। ବାପା ଗୋବିନ୍ଦ କେତେବେଳେ କେଉଁଠି ରହୁଛନ୍ତି ଠିକ ଠିକଣା ରହୁନାହିଁ। ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ଶିଶୁଙ୍କ ସ୍ୱାସ୍ଥ୍ୟ କ'ଣ ହୋଇଛି ବୁଝିବା ବୋଲି ସେ କହିଛନ୍ତି।

# ଆହତ ଚିକିତ୍ସାଧୀନଙ୍କ ମୃତ୍ୟୁ

## ଅଡ଼ାଳରେ ଗୁହାଳ ପୋଡ଼ି ଘଟଣା

**କେନ୍ଦୁଝର, ୧୪।୧୨(ସ୍ୱ.ପ୍ର.)**

ବାଂଶପାଳ ବ୍ଲକ ଅଡାଳ ଗ୍ରାମରେ ବୁଧବାର ଅଗ୍ନିକାଣ୍ଡରେ ପୋଡି ହୋଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତଙ୍କ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଛି। ଏ ନେଇ ଉକ୍ତ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଦୁଇ ଶିଶୁଙ୍କ ନାମ ରାହୁଲ ମୁଣ୍ଡା ଓ ସାଗର ମୁଣ୍ଡା ବୋଲି ଜଣାପଡିଛି। ସେମାନଙ୍କ କକା କହ୍ନେଇ ମୁଣ୍ଡା ନିଆଁରୁ ବର୍ତ୍ତି ଯାଇଛନ୍ତି।

ଘଟଣା ଦିନ ରାହୁଲ ଓ ସାଗର ତାଙ୍କ କକା କହ୍ନେଇ ଘରେ ଖେଳୁଥିଲେ। ଖେଳୁଥିବା ସମୟରେ ରାହୁଲ ଓ ସାଗର ଛପିବା ପାଇଁ ଘୁଷୁରି ଘରେ ପଶି ଯାଇଥିଲେ। ସେହି ସମୟରେ କୌଣସି କାରଣରୁ ପାଖରେ ଥିବା ପାଳ ଗଦାରେ ନିଆଁ ଲାଗିଯାଇଥିଲା। ନିଆଁ ହଠାତ ଘୁଷୁରି ଗୁହାଳକୁ ବ୍ୟାପିବାରୁ ଦୁଇ ଜଣ ପୋଡି ହୋଇ ଯାଇଥିଲେ। ଦୁଇ ଗୁରୁତର ଶିଶୁଙ୍କୁ କେନ୍ଦୁଝର ଜିଲା ମୁଖ୍ୟଡାକ୍ତରଖାନାକୁ ଆଣାଯାଇଥିଲା। ପ୍ରଥମେ ରାହୁଲଙ୍କ ମୃତ୍ୟୁ ହୋଇଥିଲା। ସାଗରଙ୍କ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି ବୋଲି ଏସଡିପିଓ ଶ୍ରୀହର୍ଷ ମିଶ୍ର କହିଛନ୍ତି।

# ୧୫ରୁ କେନ୍ଦୁଝରରେ 'ଓଡିପେକ୍ସ' ଉତ୍ସବ

**କେନ୍ଦୁଝର, ୧୪।୧୨(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ଡାକମଣ୍ଡଳର ଅଧିକାରୀମାନେ।

କେନ୍ଦୁଝର ଜିଲା ସଦର ମହକୁମାରେ ଦଶମ ରାଜ୍ୟସ୍ତରୀୟ ଡାକ ଟିକଟ ସଂଗ୍ରାହକ ସମ୍ମିଳନୀ ବା 'ଓଡ଼ିପେକ୍ସ' ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ସ୍ଥାନୀୟ ରବୀନ୍ଦ୍ର ବିଦ୍ୟାନିକେତନ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହେବ। ଗୁରୁବାର ସନ୍ଧ୍ୟାରେ କେନ୍ଦୁଝର ମୁଖ୍ୟ ଡାକଘରଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ସମ୍ବଲପୁର ଡାକମଣ୍ଡଳର ପୋଷ୍ଟ ମାଷ୍ଟର ଜେନେରାଲ ଲଳିତେନ୍ଦୁ ପ୍ରଧାନ ସୂଚନା ଦେଇଛନ୍ତି। ଅନୁଷ୍ଠିତ ହେବାକୁ ଥିବା ଡାକଟିକଟ ପ୍ରଦର୍ଶନୀ ଓ ଆଲୋଚନାଚକ୍ରରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ୧୯୨ ସଂଗ୍ରାହକ ଯୋଗଦେଇ ସେମାନଙ୍କର ସଂଗୃହିତ ୫୯୬ଟି ଫ୍ରେମକୁ ପ୍ରଦର୍ଶିତ କରିବେ। ଜିଲାର ୭୦ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡାକ ଓ ଡାକଟିକଟ ଉପରେ ପତ୍ରଲିଖନ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରଧାନ ସୂଚନା ଦେଇଛନ୍ତି। ପ୍ରଥମ ଥର ପାଇଁ ଡାକ ବିଭାଗର ଐତିହ୍ୟକୁ ନେଇ ସ୍ୱାଧୀନତା ପୂର୍ବର ସିନ୍ଦଡାକ୍ ସହ ୧୫ ଷ୍ଟଲ କରାଯାଇ ପ୍ରଦର୍ଶନ କରାଯିବ। ସମଗ୍ର ଦେଶରୁ ୧୧ଜଣ ଭେଣ୍ଡର ଏବଂ ବହୁସଂଖ୍ୟାରେ ଡାକ ବିଭାଗର ସର୍ବଭାରତୀୟ ସ୍ତରର ଅଧିକାରୀ ଯୋଗ ଦେବେ।

୧୪ ସ୍ୱତନ୍ତ୍ର ଡାକଲଫାପା ଉନ୍ମୋଚିତ ହେବ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୀବନୀ ସମ୍ପର୍କିତ ଏକ ବୁକଲେଟ୍‌କୁ ମଧ୍ୟ ଉନ୍ମୋଚନ କରାଯିବ ବୋଲି ଉପସ୍ଥିତ ଥିବା କେନ୍ଦୁଝର ଡାକ ଅଧିକ୍ଷକ ଦେବୀ ପ୍ରସାଦ ନାୟକ କହିଛନ୍ତି। ଉଦ୍‌ଘାଟନୀରେ ଓଡ଼ିଶାର ମୁଖ୍ୟ ଡାକପାଳ ସନ୍ତୋଷ କାମିଲା, କର୍ଣ୍ଣାଟକର ମୁଖ୍ୟ ଡାକପାଳ ଡ. ଚାଲର୍ସ ଲୋବୋ, ବ୍ରହ୍ମପୁର ଡାକପାଳ କର୍ଣ୍ଣେଲ ଜଳେଶ୍ୱର କହଁର, ସମ୍ବଲପୁର ଡାକପାଳ ଲଳିତେନ୍ଦୁ ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଏଏସ୍‌ପିଓ ସଞ୍ଜୟ ବିଶ୍ୱାଳ, ଇଣ୍ଡିଆ ପୋଷ୍ଟାଲ ପେମେଣ୍ଟ ବ୍ୟାଙ୍କର ବରିଷ୍ଠ ପରିଚାଳକ ଚିନ୍ତାମଣି ପାଗଳ, ସହ ଅଧୀକ୍ଷକ ରାଧାକୃଷ୍ଣ ସାହୁ, ଇନ୍ସପେକ୍ଟର ସଞ୍ଜୟ କୁମାର, ସମୀରା ସାହୁ, ନୀଳକଣ୍ଠ ସୁତାର, ବ୍ୟବସାୟୀକ ନିର୍ବାହୀ ଗିରିଶ ଚନ୍ଦ୍ର ନାୟକ, ସଞ୍ଜୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

**ବଡ଼ବିଲ/ଯୋଡ଼ା, ୧୪।୧୨ (ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦୁଝର ଜିଲା ବଡ଼ବିଲ ରେଞ୍ଜ ଅନ୍ତର୍ଗତ ଭୂୟାଁରୋଇଡ଼ାରେ ଶୁକ୍ରବାର ସକାଳେ ଏକ ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜମସେଦ୍ ଦାସ(୩୫)। ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଦନ୍ତା ହାତୀ ହାବୁଡ଼ରେ ଜମସେଦ ପଡ଼ି ଯାଇଥିଲେ। ସୁଣ୍ଢରେ ହାତୀ ଆକ୍ରମଣ କରିବାରୁ ଜମସେଦ୍ ଏକ ଖାଲରେ ପଡିଯାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳକୁ ଆସିବାରୁ ହାତୀ ଜଙ୍ଗଲକୁ ଚାଲି ଯାଇଥିଲା। ଗ୍ରାମବାସୀ ବନ ବିଭାଗକୁ ଜଣାଇବା ପରେ ଘଟଣାସ୍ଥଳରେ କର୍ମଚାରୀ ସରୋଜ କୁମାର ନାଏକ ଓ ରତ୍ନାକର ମହାନ୍ତ ପହଞ୍ଚି ଖାଲରେ ପଡିଥିବା ଜମସେଦ୍‌ଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା।

# 'ପିସି କାରବାର ବନ୍ଦ କର'



ଗ୍ରାମ ଉନ୍ନୟନ କାର୍ଯ୍ୟାଳୟକୁ ଭାଜପା କର୍ମୀ ଘେରାଉ କରିଛନ୍ତି।

**ପାଟଣା, ୧୪।୧୨(ସ୍ୱ.ପ୍ର.)**

ବିଜେଡି ସରକାରରେ ଚାଲିଥିବା ପିସି କାରବାର ବୋଲି ଭାଜପା ଅଭିଯୋଗ କରିଛି। କ୍ରମବର୍ଦ୍ଧିଷ୍ଣୁ ବେକାରି ସମସ୍ୟା ଓ ଠିକାଦାରୀରେ ଟେଣ୍ଡର ବ୍ୟବସ୍ଥା ପ୍ରଚଳିତ ଦାବିରେ ସାହାରପଡା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ସାହାରପଡା ଗ୍ରାମ ଉନ୍ନୟନ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଶୋଭାଯାତ୍ରାରେ ଭାଜପା ଯୁବମୋର୍ଚ୍ଚାର କର୍ମୀ ବ୍ଲକରୁ ବାହାରି ବଜାର ପରିକ୍ରମା କରିଥିଲେ।

ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ତଥା ଜିଲା ପରିଷଦ ସଦସ୍ୟ ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଯୁବନେତା ଭବାନୀ ଶଙ୍କର ନାଏକ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ରଜନୀକାନ୍ତ ମିଶ୍ର, ଯୁବମୋର୍ଚ୍ଚା ଜିଲା ଉପସଭାପତି ଲକ୍ଷ୍ମଣ ରାଉତ, ସାହାରପଡ଼ା ମଣ୍ଡଳର ଭାଜପା ସମ୍ପାଦକ ବୁଲୁ ବାରିକ, ମକରଧ୍ୱଜ ମହାନ୍ତ, ରାଜେଶ ମହାନ୍ତ ଓ ଅଶିନୀ ମହାନ୍ତ ପ୍ରମୁଖ ଶତାଧିକ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଘେରାଉରେ ଯୋଗଦେଇ ଥିଲେ।

# ଏସ୍‌ପିଙ୍କୁ ଭେଟି ପାରିଲେନି ପୀଡ଼ିତା

## ଅଭିଯୁକ୍ତଙ୍କୁ ପୋଲିସ ସହଯୋଗ କରୁଥିବା ଅଭିଯୋଗ

**କେନ୍ଦୁଝର, ୧୪।୧୨(ସ୍ୱ.ପ୍ର.)**

ବଡ଼ବିଲ ଥାନା ପୋଲିସ ଓ ସ୍ଥାନୀୟ ଏସଡିପିଓଙ୍କୁ ଗୁହାରି କରି ବିଫଳ ହେବା ପରେ ନ୍ୟାୟ ପାଇଁ କେନ୍ଦୁଝର ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜଣେ ପୀଡିତା ନିରାଶ ହୋଇଛନ୍ତି। ଏସ୍‌ପିଙ୍କୁ ଭେଟି ନ ପାରି ଫେରି ଯାଇଛି। ଏସ୍‌ପିଙ୍କୁ ଭେଟିବାକୁ ପୀଡ଼ିତା ଯାଇଥିଲେ ହେଁ ପୋଲିସ ଅଫିସ ଭିତରକୁ ଛାଡି ନ ଥିଲା। ଏ ନେଇ ମହିଳା କମିଶନ ଓ ଡିଜି ପୋଲିସଙ୍କ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ବଡ଼ବିଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅକ୍ଟୋବର ୩ରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବଳାତ୍କାର କରି ମୋବାଇଲରେ ଭିଡିଓ ରେକର୍ଡ କରିଥିଲେ। ଅଭିଯୋଗ କଲେ ଭିଡିଓ ଭାଇରାଲ କରିଦେବାକୁ ଅଭିଯୁକ୍ତ ଜଣଙ୍କ ମହିଳାଙ୍କୁ ଧମକ ଦେଇଥିଲେ। ଏ ନେଇ ପୀଡ଼ିତା ଜଣଙ୍କ ବଡବିଲ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଭିଡିଓ ଜବତ କରିବା ପରିବର୍ତ୍ତେ କୋହଳ ମନଭାବ ପ୍ରଦର୍ଶନ କରି ଏତଲାକୁ ଚିରି ଦେଇଥିବା ଅଭିଯୋଗ ହୋଇଛି। ଏତଲା ଭଲ ଭାବେ ଅଭିଯୁକ୍ତଙ୍କ ବିରୋଧରେ ନ ଲେଖିବାକୁ ପୋଲିସ ବାଧ କରିଥିଲା ବୋଲି ପୀଡ଼ିତା ଜଣଙ୍କ ଅଭିଯୋଗ କରିଛନ୍ତି। ଧରପଗଡ ନ କରି ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ ପାଇଁ ପୋଲିସ ସୁଯୋଗ ଦେଇଥିବା ପୀଡ଼ିତା ଜଣଙ୍କ କହିଛନ୍ତି। ଭିଡିଓ ଜବତ କରି ନ ଥିବାରୁ ବଦନାମ ହେବା ଭୟରେ ପୀଡ଼ିତା ଜଣଙ୍କ ନ୍ୟାୟ ପାଇଁ ଏସପିଙ୍କ ପାଖକୁ ଶୁକ୍ରବାର ଆସିଥିଲେ। ଏସ୍‌ପିଙ୍କ ସହ ଭେଟ କରାଇ ନ ଦେବା ପୋଲିସର କାମ କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ପୀଡିତା ଦାବି କରିଛନ୍ତି।

# ପଲସରରେ ଆସିଲେ, ୨ ଲକ୍ଷ ଲୁଟିଲେ

**ଝୁମ୍ପୁରା, ୧୪।୧୨(ଡି.ଏନ.ଏ.)**

ବାରିଆ ଥାନାଞ୍ଚଳ ଅନ୍ତର୍ଗତ କାଶିପୁର ଗାଁ ଦାଣ୍ଡରୁ ଶୁକ୍ରବାର ମଧ୍ୟାହ୍ନରେ କେତେକ ଦୁର୍ବୃତ୍ତ ୨ ଲକ୍ଷ ଟଙ୍କା ଲୁଟ କରିଥିବା ବାରିଆ ଥାନାରେ ଅଭିଯୋଗ ହୋଇଛି। କାଶିପୁର ଗ୍ରାମର ମୁରଲୀଧର ବାରିକ ଉଖୁଣ୍ଡାର ଏକ ବ୍ୟାଙ୍କ ଶାଖାରୁ ଟଙ୍କା ଉଠାଇ ନିଜ ବାଇକ୍‌ର ଡିକିରେ ରଖି ଘରକୁ ଫେରିଥିଲେ। ବାଇକ୍ ଗାଁ ଦାଣ୍ଡରେ ରଖି ନିଜ ଘର ପାଖ ଏକ ଦୋକାନକୁ କୌଣସି କାମରେ ଯାଇଥିବା ବେଳେ ସେହି ସମୟରେ ଏକ ପଲସରରେ କେତେକ ଦୁର୍ବୃତ୍ତ ପହଞ୍ଚି ଡିକିରୁ ଟଙ୍କା ଲୁଟ ଫେରାର ହୋଇଯାଇଛନ୍ତି। ଏ ନେଇ ମୁରଲୀଧର ଥାନାରେ ଅଭିଯୋଗ କରିବା ପରେ ପୋଲିସ ରାସ୍ତା ସିଲ କରି ତଦନ୍ତ ଜାରି ରଖିଛି। ବାରିଆ ଥାନା ଅଧିକାରୀ ସୁଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଥିବା ସେ କହିଛନ୍ତି।

ଝୁମ୍ପୁରା ଓ ବାରିଆ ଥାନା ଅଞ୍ଚଳରେ ପଲସର ଆତଙ୍କ ଖେଳି ଯାଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କରୁ ଟଙ୍କା ଉଠାଉଥିବା ଲୋକଙ୍କ ଉପରେ ନଜର ରଖୁଛନ୍ତି। ଗତ କେତେ ଦିନ ତଳେ ଝୁମ୍ପୁରା ଥାନା ଅଞ୍ଚଳର ତିତିଲିଆ ମହାନ୍ତଠାରୁ ୩୦ ହଜାର ଟଙ୍କା ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିଲେ। ସେହିପରି ୧୧ ତାରିଖରେ ଝୁମ୍ପୁରା ଲକ୍ଷ୍ମୀ ସରସ୍ୱତୀ ସଂଘ ସହାୟିକା ଗୋଷ୍ଠୀର ମହିଳାଙ୍କଠାରୁ ୪୮ ହଜାର ଟଙ୍କା ଦୁର୍ବୃତ୍ତମାନେ ଛଡାଇ ନେଇଥିଲେ।

### ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ



**ପାଟଣା, ୧୪।୧୨(ସ୍ୱ.ପ୍ର.)**

ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ସରସ୍ୱତୀଶିଶୁ ବିଦ୍ୟାମନ୍ଦିରର ୨୩ତମ ବାର୍ଷିକ କ୍ରୀଡ଼ା ସମାରୋହ ଶୁକ୍ରବାର ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ଖେଳରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଦଧିବମାନ ଜୁନିଅର ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତଚନ୍ଦ୍ର ମହାନ୍ତ ଯୋଗ ଦେଇ ଅନୁଷ୍ଠାନର କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ ବିରେନ୍ଦ୍ର କୁମାର ମହାନ୍ତ, ଅବସରପ୍ରାପ୍ତ ଶିକ୍ଷକ କୁଳମଣି ସାହୁ, ପରିଚାଳନା ସମିତିର ସଭାପତି ରକ୍ଷାକର ସାହୁ ଓ ସମ୍ପାଦକ ସୁଧାଂଶୁଶେଖର ସାହୁ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଜୀବନରେ ଖେଳର ଉପକାରିତା ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ବାବାଜୀ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ବରିଷ୍ଠଶିକ୍ଷକଉତ୍ତମ କୁମାର ମହାନ୍ତ ଧନ୍ୟବାଦ ଦେଇଥିଲେ।

# ଆନନ୍ଦପୁର ଆଇଟିଆଇର ବାର୍ଷିକ କ୍ରୀଡ଼ା



ମଶାଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ର।

**ଆନନ୍ଦପୁର, ୧୪।୧୨(ସ୍ୱ.ପ୍ର.)**

ଶାଳପଡାରେ ଥିବା ଆନନ୍ଦପୁର ଆଇଟିଆଇ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବ ଅବସରରେ ଆନନ୍ଦପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରମାକାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର ସାହୁ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଇଟିଆଇର ଛାତ୍ରୀଛାତ୍ର ଆନନ୍ଦପୁର ଶ୍ରୀଶ୍ରୀଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରୁ ମଶାଲ ଶୋଭାଯାତ୍ରାରେ ସାମିଲ ହୋଇ ଅନୁଷ୍ଠାନର ଖେଳପଡିଆରେ ସ୍ଥାପନା କରିଥିଲେ। ଆଇଟିଆଇର ଅଧ୍ୟକ୍ଷ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବକୁ ମାତୃ ପ୍ରସାଦ ସାହୁ, ଦୀପ୍ତିରଞ୍ଜନ ଜେନା, ଉତ୍ତମ ସାହୁ, ପ୍ରକାଶ ରାଉତ, ଡଳିରାଣୀ ପାତ୍ର, ଦୁଶମନ୍ତ ପାଣିଗ୍ରାହୀ, ପ୍ରଦୀପ ସାହୁ, ମନୋରଞ୍ଜନ ମହାରଣା ପ୍ରମୁଖ ଶିକ୍ଷକ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଡିସ୍‌କସ୍ ଆଦି ଖେଳରେ ଅଂଶ ଗ୍ରହଣ କରିଥିଲେ।

# 'ଖେଳିଲେ ଶରୀର ସୁସ୍ଥ ରହେ'

**ଢେଙ୍କିକୋଟ, ୧୪।୧୨(ଡି.ଏନ.ଏ.)**

**ଶ୍ରୀଗୁରୁକୁଳ ସ୍କୁଲରେ ବାର୍ଷିକ କ୍ରୀଡ଼ା**


ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଘଟଗାଁ ବ୍ଲକ ଗଦାଧରପୁର ପଞ୍ଚାୟତ କୁଢ଼ଟାଙ୍ଗରସ୍ଥିତ ଶ୍ରୀଗୁରୁକୁଳ ମଡେଲ ସ୍କୁଲର ୧୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯାଜପୁର ବିଜା କ୍ଷେତ୍ରର ବିରଜା ପାଞ୍ଜି ପରିଷଦର ସଭାପତି ଜ୍ୟୋତିଷ ବିସାରଦ ପଞ୍ଚାନନ ମହାପାତ୍ର, ମୁଖ୍ୟବକ୍ତା ଘଟଗାଁ ୯ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟା ମଧୁମିତା ଦେହୁରି, ସମ୍ମାନିତ ଅତିଥି ଗଦାଧରପୁର ସରପଞ୍ଚ ସୁଦାମ ଚରଣ ପଇଦା, ସମାଜସେବୀ ପ୍ରଦୀପ ଦେହୁରି, ଶ୍ରୀଗୁରୁକୁଳ ଶିକ୍ଷାକମିଟିର ସଭାପତି ଭରତ ଚନ୍ଦ୍ର ବେହେରା, ବୈତରିଣୀ ଆଇଟିଆଇର ନିର୍ଦ୍ଦେଶକ ହରିହର ମହାନ୍ତ, ଖବରଦାତା ଭୀମସେନ ବଳ ପ୍ରମୁଖ ଯୋଗ ଦେଇଥିଲେ। ସତ୍ୟସେବା ଫାଉଣ୍ଡେଶନର ଅଧ୍ୟକ୍ଷ ଇଂ. ସତ୍ୟବ୍ରତ ସାହୁ ସଭାପତିତ୍ୱ କରିଥିଲେ। ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, କ୍ରୀଡ଼ାପ୍ରେମୀ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶରୀରକୁ ସୁସ୍ଥ ସବଳ ରଖେ ବୋଲି ଅତିଥିମାନେ କହିଥିଲେ। ଛାତ୍ରୀଛାତ୍ର ଦୌଡ଼କୁଦ ପ୍ରତିଯୋଗିତା ଭାଗ ନେଇଥିଲେ। କୌତୁକ ଗଣିତ ଉଚ୍ଚଡିଆଁ, ଲମ୍ଫ ଡିଆଁ, ଡିସ୍‌କସ୍ ଥ୍ରୋ, ଜାଭେଲିନ୍ ଥ୍ରୋ, ପୁଚି, ମ୍ୟୁଜିକ ଚେୟାର ଆଦି ଖେଳ ହୋଇଥିଲା।

# ଆଦିବାସୀଙ୍କ ଜୀବନଜୀବିକା ବିପନ୍ନ

- ଖଣି ଖନନରୁ ଜଙ୍ଗଲ ଧ୍ୱଂସ
- ବେଆଇନ କାମର ତଦନ୍ତ ଦାବି

**କେନ୍ଦୁଝର, ୧୪।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ଖଣ୍ଡବନ୍ଧଠାରେ ଲୌହ ଓ ମାଙ୍ଗାନିଜ ଖଣି ଖନନ ପାଇଁ ବିନା ଜନଶୁଣାଣି ଓ ଗ୍ରାମସଭାରେ ଜମିର କିସମ ପରିବର୍ତ୍ତନ କରିବା ସହ ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଇଛି। ୨୭ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ବାସୁଦେବ ନାଏକ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି। ଖଣି ଖନନ ପାଇଁ ପାଖାପାଖି ୩୮୩.୬୦୭ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମି କାମରେ ବ୍ୟବହାର କରାଯାଉଛି। ଏହା ଦ୍ୱାରା ସ୍ଥାନୀୟ ଜନଜାତି ଓ ଅନ୍ୟ ପାରମ୍ପରିକ ବନବାସୀ କ୍ଷତିଗ୍ରସ୍ତ ହେବେ ବୋଲି ମତପ୍ରକାଶ ପାଉଛି। ଉକ୍ତ ଅଞ୍ଚଳରୁ ଶାଳ ଓ ଅନ୍ୟ ଜଙ୍ଗଲ କଟା ଚାଲିଛି। ପରିବେଶ କ୍ଷତିଗ୍ରସ୍ତ ହେବା ସହ ବନ୍ୟପ୍ରାଣୀ, ସରିସୃପ ତଥା ବିଭିନ୍ନ ପ୍ରକାରର ବୃକ୍ଷଲତା କ୍ଷତିଗ୍ରସ୍ତ ହେଉଛି।

ବିନା ଗ୍ରାମସଭାରେ ଜଙ୍ଗଲ ଜମି ଅଣଜଙ୍ଗଲ କିସମକୁ ପରିବର୍ତ୍ତନ କରାଯାଇଥିବା ନେଇ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନଙ୍କୁ ଲିଖିତ ଅଭିଯୋଗ ହୋଇଛି। ପାହାଡ ଓ ଜଙ୍ଗଲ ଉପରେ ଜଳହରି, ବଳଦା ଓ କୁରୁଡି ସମେତ ୫ ପଞ୍ଚାୟତର ଲୋକ ନିର୍ଭର କରି ଜୀବିକା ନିର୍ବାହ କରିଆସୁଥିଲେ। ଗତ ଜୁଲାଇ ୭, ୨୦୧୧ରେ ଖଣିସଂସ୍ଥା ପକ୍ଷରୁ ସ୍ଥାନୀୟ ଲୋକଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ କରିଥିବା ଚୁକ୍ତିର କୌଣସି ପ୍ରତିଶ୍ରୁତି ପୂରଣ କରି ନ ଥିବା ବେଳେ ଏବେ ପ୍ରଶାସନ କିପରି ସହଯୋଗ କରୁଛନ୍ତି ସେ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଜଙ୍ଗଲ କାଟି ଖଣି ଖନନ କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବିରୋଧ କରିବାରୁ ପୋଲିସ ସ୍ଥାନୀୟ ଲୋକଙ୍କୁ ଗିରଫ କରୁଥିବାରୁ ଅସନ୍ତୋଷ ଲାଗି ରହିଛି।